

# କଟକ ସିଟି

## କାର୍ଯ୍ୟଭାର ନେବା ପରେ ନୂଆ ଡିସିପିଙ୍କ ଆହ୍ୱାନ

# ପାଟ୍ରୋଲିଂ ଓ ଏନ୍‌ବିଡବ୍ଲ୍ୟୁ ଗିରଫଦାରୀ ହେବ କଡ଼ାକଡ଼ି



**ଶାନ୍ତିପୂର୍ଣ୍ଣ ବାତାବରଣ ଭିତରେ ହେବ ନିର୍ବାଚନ ପରିଚାଳନା: ଡିସିପି ପ୍ରକାଶ ଆର୍**



କଟକ, ୫।୪(ସମିସ)

କମିଶନରେଟ୍ ପୁଲିସ ପକ୍ଷରୁ ଆଗାମୀ ସାଧାରଣ ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହିତ ସମାପନ କରିବାକୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଆଜି ଅପରାହ୍ଣରେ କଟକ ଡିସିପି ଭାବେ ପ୍ରକାଶ. ଆର୍ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ଭିଜିଲାନ୍ସ ଡିଆଇଜି ଭାବେ କାର୍ଯ୍ୟ କରୁଥିଲେ। ବର୍ତ୍ତମାନ କଟକ ଡିସିପି ଭାବେ ଦାୟିତ୍ୱ ନେବା ପରେ ଆଗାମୀ ସାଧାରଣ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହିତ ପରିଚାଳନା କରିବା ପାଇଁ ଏଡିସିପି, ସମସ୍ତ ଜୋନ୍ ଏସିପି ଓ ଆଇଆଇସିମାନଙ୍କ ସହିତ ଆଲୋଚନା କରିଛନ୍ତି। ସେ ଦାୟିତ୍ୱ ନେବା ପରେ ଥାନାୱାରୀ ଆଇଆଇସି ଓ ଜୋନ୍ ଏସିପି ମାନେ ନିଜ ନିଜ ଥାନାର ସମ୍ପ୍ରତି ସ୍ଥିତି ଓ ଘଟୁଥିବା ଅପରାଧମୂଳକ କାର୍ଯ୍ୟକଳାପ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ତେବେ ନୂଆ କରି କାର୍ଯ୍ୟରେ ଯୋଗ ଦେଇଥିବା ଡିସିପି ପ୍ରକାଶ.ଆର୍ କଟକ ୟୁପିଡି ଅଧିନରେ ଥିବା ପ୍ରତ୍ୟେକ ଥାନାରେ ପୂର୍ବରୁ ଜାରି ହୋଇଥିବା ଜାମିନ୍ ବିହୀନ ପରୱାନା ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାକୁ ଆଇଆଇସିମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ମୋଟ୍ ୯୫୦ଜଣ ଅପରାଧି କମିଶନରେଟ୍ ପୁଲିସ ପକ୍ଷରୁ ପ୍ରସ୍ତୁତ ହୋଇଥିବା ତାଲିକାରେ ହିଟ୍ ଲିଷ୍ଟରେ ରହିଛନ୍ତି। ଏହି ଅପରାଧିମାନଙ୍କୁ ଗିରଫ କରିବା ସହିତ ସମ୍ପୃକ୍ତ ମାମଲାର ତଦନ୍ତକୁ ଖୁବଶୀଘ୍ର ଶେଷ କରିବାକୁ ଡିସିପି ପ୍ରକାଶ.ଆର୍ କହିଛନ୍ତି।

କଟକ ସହରରେ ଆଗାମୀ ନିର୍ବାଚନ ପରିଚାଳନା ନୂଆ ଡିସିପିଙ୍କ ପାଇଁ ଚ୍ୟାଲେଞ୍ଜ୍ ହେବ। କେଉଁ ଭଳି ଭାବେ ଆଇନ ଶୃଙ୍ଖଳା ସ୍ଥିତି ସମ୍ଭାଳିବା ସହିତ ନିର୍ବାଚନ ପରିଚାଳନା କରିବେ ବୋଲି ଡିସିପି ପ୍ରକାଶ.ଆର୍‌ଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଐତିହାସିକ କଟକ ସହର ହେଉଛି ଭାଇଚାରାର ସହର। ଏଠାରେ ପୂର୍ବଭଳି ଅପରାଧ ଘଟୁ ନାହିଁ। ପୁଲିସ ରେକର୍ଡ ଅନୁଯାୟୀ, ନିଶା ଚାଲାଣ, ବନ୍ଧୁକ ଚାଲାଣର ମାତ୍ରା ଅଧିକ ରହିଛି। ଏହାକୁ ରୋକିବାକୁ ସମସ୍ତ ପ୍ରକାରର ପ୍ରଚେଷ୍ଟା କରାଯିବ। ପ୍ରଥମେ କଟକ ସହରର ଜନସାଧାରଣଙ୍କ ସହଯୋଗ କାମନା କରୁଛି ବୋଲି ନୂତନ ଡିସିପି କହିଛନ୍ତି। ସାରା ସହରରେ ପୁଲିସ ପାଟ୍ରୋଲିଂକୁ କଡା କଡି କରାଯିବା ସହିତ ଅପରାଧ ଦମନକୁ ଗୁରୁତ୍ୱ ଦିଆଯିବାକୁ ସେ ସମସ୍ତ ଏଡିସିପି ଓ ଜୋନ୍ ଏସିପିମାନଙ୍କୁ କହିଥିଲେ।

ନିର୍ବାଚନକୁ ଦୃଷ୍ଟିରେ ରଖି କଟକ ୟୁପିଡିରେ ଥାନାୱରୀ ରହିଥିବା ଏନ୍‌ବିଡବ୍ଲ୍ୟୁ ତାଲିକାକୁ ଆଜି ସନ୍ଧ୍ୟାରେ ଡିସିପି ପ୍ରକାଶ. ଆର୍ ସମୀକ୍ଷା କରିଥିଲେ। ଥାନାୱାରୀ ଯେଉଁମାନଙ୍କ ନାଁରେ ଏନ୍‌ବିଡବ୍ଲ୍ୟୁ ଜାରି ହୋଇଛି, ସେମାନଙ୍କୁ ୧ମାସ ମଧ୍ୟରେ ଗିରଫ କରିବାକୁ ଥାନାୱରୀ ଆଇଆଇସିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ପ୍ରତ୍ୟେକ ଥାନାରେ ଏନ୍‌ବିଡବ୍ଲ୍ୟୁ ତାଲିକା କାନ୍ଥରେ ଲଗାଯିବା ବାଧ୍ୟତାମୂଳକ କରାଯାଇଥିବା ବେଳେ ଆସନ୍ତା କାଲି ଠାରୁ ଏହି କାର୍ଯ୍ୟ ଆରମ୍ଭ କରିବାକୁ କୁହାଯାଇଛି। ଏଥି ସହିତ ବିଭିନ୍ନ ଅଞ୍ଚଳକୁ ପୁଲିସ ଯାଇ, ଯେଉଁ ଅପରାଧିଙ୍କ ନାଁରେ ଜାମିନ୍ ବିହୀନ ପରୱାନା ଜାରି ହୋଇଛି, ସେମାନଙ୍କ କାନ୍ଥରେ ଏହି ତାଲିକାକୁ ପୋଷ୍ଟର୍ ଭାବେ ଲଗାଇବ। ନିର୍ବାଚନ ପୂର୍ବରୁ ସହରରେ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗିରଫ କରାଯାଇ ଜେଲ୍ ପଠାଯିବ ବୋଲି ଆଜି ଡିସିପି ସୂଚନା ଦେଇଛନ୍ତି।

୭ଦିନ ମଧ୍ୟରେ ଏକ ନୂତନ ତଡ଼ିପାର୍ ତାଲିକା ପ୍ରକାଶ ପାଇବ। ଏହି ତାଲିକା ପ୍ରକାଶ ପାଇବା ପରେ କେଉଁ ଅପରାଧୀମାନଙ୍କୁ ତଡ଼ିପାର୍ କରାଯିବା ତାହାର ସ୍ପଷ୍ଟ ସୂଚନା ମିଳିବ। ଶାନ୍ତି ଶୃଙ୍ଖଳାର ସହିତ ନିର୍ବାଚନ ପରିଚାଳନା କରିବାକୁ ପୁଲିସ ଏହି ପଦକ୍ଷେପ ନେଉଥିବା ଜଣାପଡ଼ିଛି। ଯଦି କୌଣସି ବ୍ୟକ୍ତି ନିର୍ବାଚନ ପୂର୍ବରୁ ଓ ନିର୍ବାଚନ ସମୟରେ ବିଶୃଙ୍ଖଳା ପ୍ରଦର୍ଶନ କରନ୍ତି, ତାଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ସେ ନିର୍ଦ୍ଦେଶ ଦେଇଛନ୍ତି।

## ■ ତ୍ୱରିତ ସିଇ ରିପୋର୍ଟ ଦାଖଲ ଉପରେ ଗୁରୁତ୍ୱାରୋପ

# ହାଇକୋର୍ଟରେ ହାଜର ହେଲେ ଆର୍‌ଏଫ୍‌ଏସ୍‌ଏଲ୍ ଉପନିର୍ଦ୍ଦେଶକ

କଟକ, ୫।୪ (ସମିସ)

ବିଭିନ୍ନ ଘଟଣାରେ ଜବତ ନିଶାଦ୍ରବ୍ୟର କେମିକାଲ ଏକଜାମିନେସନ୍ (ସିଇ) ରିପୋର୍ଟକୁ ଫୋରେନସିକ ଲାବୋରାଟୋରି ଦ୍ୱାରା ଦାଖଲ କରାଯାଉ ନଥିବାରୁ ନିମ୍ନ ଅଦାଲତରେ ମାମଲା ଶୁଣାଣି ବିଳମ୍ବ ହେଉଥିବା ପ୍ରସଂଗକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି। ଏଣୁ ଯଥାଶୀଘ୍ର ସିଇ ରିପୋର୍ଟ ଦାଖଲ ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଆଜି ବ୍ରହ୍ମପୁରସ୍ଥିତ ଆଞ୍ଚଳିକ ଫୋରେନ୍ସିକ ସାଇନ୍ସ ଲାବୋରେଟୋରି (ଆରଏଫଏସଏଲ) ଉପନିର୍ଦ୍ଦେଶକ ଜେ.ଦେହୁରୀ ଓ ସୁନାବେଡ଼ା ଥାନା ଆଇଆଇସି ଏସ.ଏନ.ପାତ୍ର ଭର୍ଚୁଆଲରେ ହାଇକୋର୍ଟରେ ହାଜର ହୋଇଥିଲେ। ସିଇ ରିପୋର୍ଟ ଦାଖଲ ହୋଇ ନଥିବାରୁ ୨୦୨୧ର ଏକ ମାମଲାରେ ଚାର୍ଜଫ୍ରେମ ହୋଇ ପାରିନଥିବା ଅଭିଯୋଗ ହୋଇଥିଲା ବେଳେ ଏହି ପ୍ରସଂଗରେ ଉପନିର୍ଦ୍ଦେଶକ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ରିପୋର୍ଟ ଥାନାରେ ରହି ଯାଇଥିଲା ଓ ଗତ ଏପ୍ରିଲ ୨ ତାରିଖରେ ଅଦାଲତରେ ଦାଖଲ କରାଯାଇଛି ବୋଲି ସୁନାବେଡା ଥାନା ଆଇଆଇସି ଅବଗତ କରିଥିଲେ।

ଅନ୍ୟପଟେ କୋରାପୁଟ ଅତିରିକ୍ତ ଦୌରାଜଜ୍ ତଥା ସ୍ୱତନ୍ତ୍ର ଅଦାଲତ ପକ୍ଷରୁ ଦାଖଲ ଷ୍ଟାଟସ ରିପୋର୍ଟରେ ସିଇ ରିପୋର୍ଟକୁ ଅପେକ୍ଷା କରାଯାଇଛି ବୋଲି ଉଲ୍ଲେଖ କରାଯାଇଥିଲା। ଗୋଟିଏପଟେ ଆରଏଫଏସଏଲ ପକ୍ଷରୁ ଦାଖଲ ତଥ୍ୟରୁ ୨୦୨୨, ସେପ୍ଟେମ୍ବର ୧୫ରେ ସିଇ ରିପୋର୍ଟ ଆଇଆଇସିଙ୍କ ସହ ଅଦାଲତଙ୍କ ନିକଟକୁ ପଠାଯାଇଥିବା କୁହାଯାଉଥିବା ବେଳେ ଅନ୍ୟପଟେ ମାର୍ଚ୍ଚ ୧୪ର ଷ୍ଟାଟସ ରିପୋର୍ଟରେ ସିଇ ରିପୋର୍ଟ ମିଳି ନଥିବା ଦର୍ଶାଯାଇଥିଲା। ଏଭଳି ସ୍ଥିତିରେ କୋରାପୁଟ ଦୌରାଜଜ୍ ଏହି ପ୍ରସଙ୍ଗରେ ତଦନ୍ତ କରି ଏପ୍ରିଲ ୧୬ ସୁଦ୍ଧା ରିପୋର୍ଟ ଦାଖଲ କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ସଙ୍ଗମ କୁମାର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଆର୍.କେ. ରାଉତଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରକାଶ ଯେ ସୁନାବେଡ଼ା ଥାନରେ ରୁଜୁ ଏକ ବେଆଇନ ନିଶାଦ୍ରବ୍ୟ କାରବାର ମାମଲାରେ ସିଇ ରିପୋର୍ଟ ମିଳି ନଥିବାରୁ ମାମଲାରେ ଚାର୍ଜଫ୍ରେମ ହୋଇ ପାରିନଥିବା ଜଣାପଡ଼ିଥିଲା। ଏଣୁ ହାଇକୋର୍ଟ ବ୍ରହ୍ମପୁର ଆରଏଫଏସଏଲ ଉପ ନିର୍ଦ୍ଦେଶକ ଓ ସୁନାବେଡ଼ା ଥାନା ଆଇଆଇସିଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ।

# ସୁନ୍ଦରଗ୍ରାମ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ କୁଇଜ୍



କଟକ, ୫।୪(ସମିସ)

କଣ୍ଟାପଡ଼ା ବ୍ଲକ ସ୍ଥିତ ସୁନ୍ଦର ଗ୍ରାମ ଉଚ୍ଚ ବିଦ୍ୟାଳୟରେ କାୟାକଳ୍ପ ପକ୍ଷରୁ ବିଜ୍ଞାନ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷୟିତ୍ରୀ ଇତିଶ୍ରୀ ରାଉତ ଉଦଘାଟନ କରିଥିଲେ। ନିଆଳି ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ତଥା ଓଷ୍ଟାର ବରିଷ୍ଠ ଅଧିକାରୀ ଅଶୋକ ମହାପାତ୍ର, କଣ୍ଠଶିଳ୍ପୀ ଅଶ୍ୱିନୀ ମହାନ୍ତି ଅତିଥି ଭାବରେ ଯୋଗଦେଇଥିଲେ। ତ୍ରିଲୋଚନ ଦାଶ କୁଇଜ୍ ପରିଚାଳନା କରିଥିଲେ। ସଂଗ୍ରାମ ରାଉତ ସ୍କୋରର ଥିଲେ। ସୌରଭ, କୌଶିକ, ସାଇ ଶ୍ରେଷ୍ଠ ପ୍ରତିଯୋଗୀ ହୋଇଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ସୁରେନ୍ଦ୍ର ପରିଜାଙ୍କ ସ୍ମୃତିରେ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ସରିତା ଦାଶ, ପଦ୍ମିନୀ ଲେଙ୍କା ସହଯୋଗ କରିଥିଲେ।

# ଅଂଶୁଘାତ ଭୟ; ଏସ୍‌ସିବିରେ ଶଯ୍ୟା ପ୍ରସ୍ତୁତ



କଟକ, ୫।୪(ସମିସ)

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବାରେ ଲାଗିଛି। ତେବେ ଅଂଶୁଘାତ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ କିଛି ଦିନ ପୂର୍ବେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ବିଭିନ୍ନ ସରକାରୀ ହସ୍ପିଟାଲକୁ ନିର୍ଦ୍ଦେଶ ଆସିଥିଲା। ଏହି ପରିପ୍ରେକ୍ଷୀରେ ଏସ୍‌ସିବି ମେଡିକାଲରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧୀକ୍ଷକ ପ୍ରଫେସର ଡାକ୍ତର ସୁଧାଂଶୁ ଶେଖର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ। ଅଂଶୁଘାତ ଆକ୍ରାନ୍ତ ବ୍ୟକ୍ତିଙ୍କ ନିମନ୍ତେ ଟ୍ରମା କାଜୁଆଲିଟିରେ ୧୦ଟି ଶଯ୍ୟା ଉପଲବ୍ଧ ରହିବ। ୫ଟି ଆଇସିୟୁ ଶଯ୍ୟା ମଧ୍ୟ ସଂରକ୍ଷିତ ରଖାଯିବ। ସେହିପରି ଚକ୍ଷୁ ବିଭାଗ ୩ୟ ମହଲାରେ ଅଂଶୁଘାତ ରୋଗୀଙ୍କ ନିମନ୍ତେ ସ୍ୱତନ୍ତ୍ର ଭାବେ ଶଯ୍ୟା ବ୍ୟବସ୍ଥା ରହିଛି ବୋଲି ବୈଠକରେ କୁହାଯାଇଥିଲା। ଭେଷଜ ବିଭାଗୀୟ ମୁଖ୍ୟଙ୍କୁ ଆବଶ୍ୟକ ମୁତାବକ ଡାକ୍ତର, ପାରାମେଡିକ୍ ଓ ନର୍ସିଂ ଅଧିକାରୀଙ୍କୁ ନିୟୋଜିତ କରିବା ନେଇ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡ଼ା ପର୍ଯ୍ୟାପ୍ତ ପରିମାଣର ଔଷଧ ରଖିବା ପାଇ ଷ୍ଟୋର ମେଡିସିନ ଅଫିସରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ ଏସ୍‌ସିବି ମେଡିକାଲର ସମସ୍ତ ବିଭାଗରେ ଡିଜି ସେଟ୍ ବ୍ୟବସ୍ଥା ପୂର୍ବରୁ ରହିଛି। ବିଦ୍ୟୁତ ସେବା କିପରି ନିରବଚ୍ଛିନ ରହିବ ସେ ଦିଗରେ ବିଶେଷ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଡଙ୍ଗା ବୁଡ଼ି ନିଖୋଜ ଯୁବକଙ୍କ ଶବ ଉଦ୍ଧାର

ବାଙ୍କୀ, ୫।୪(ସମିସ): ଶୁକ୍ରବାର ଦିନ ୧୧ଟା ସମୟରେ ବାଙ୍କୀ ସୁବର୍ଣ୍ଣପୁର ପୁଲିସ ବିଟ ହାଉସ ଅଧୀନରେ ରହିଥିବା ସହଙ୍ଗା ଗୋପାଳପୁରର ମହାନଦୀରୁ ନିଖୋଜ ଯୁବକଙ୍କ ମୃତ ଶରୀର ଠାବ କଲା ଦମକଳ ବାହିନୀ। ମୃତ ଯୁବକ ହେଉଛନ୍ତି ଢେଙ୍କାନାଳ ଜିଲ୍ଲାର ସପ୍ତଶଯ୍ୟା ପଡ଼ାର ରଜତ ନାୟକ। ରଜତ ତାଙ୍କ ସାଙ୍ଗମାନଙ୍କ ସହ ଗୁରୁବାର ଦିନ ୧୨ଟା ସମୟରେ ସହଙ୍ଗାଗୋପାଳପୁରର ମହାନଦୀକୁ ଗାଧୋଇବାକୁ ଆସି ହୁଲି ଡ଼ଙ୍ଗାରେ ବୁଲିବା ସମୟରେ ଡ଼ଙ୍ଗା ଓଲିଟିପଡ଼ିବା ଯୋଗୁ ମହାନଦୀ ପାଣି ସ୍ରୋତରେ ଭାସି ଯାଇ ନିଖୋଜ ହୋଇଯାଇଥିଲେ। ଶୁକ୍ରବାର ଦିନ ବାଙ୍କୀ ଅଗ୍ନିଶମ ବିଭାଗ ପକ୍ଷରୁ ଖୋଜା ଖୋଜି ଜାରି ରହିଥିଲା ବେଳେ ସକାଳୁ ମହାନଦୀର ମଧ୍ୟ ଭାଗରୁ ତାଙ୍କ ମୃତଦେହକୁ ଉଦ୍ଧାର କରାଯାଇ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

# କଟକ ମହାନଗର ଶାନ୍ତି କମିଟିର ବାସନ୍ତୀ ଦୁର୍ଗାପୂଜା ପ୍ରସ୍ତୁତି ସଭା ଆଜି

କଟକ, ୫।୪(ସମିସ): ଏପ୍ରିଲ ୬ ତାରିଖ ଶନିବାର ସନ୍ଧ୍ୟାରେ ମଙ୍ଗଳାବାଗସ୍ଥିତ ମୋହନ ମଣ୍ଡପଠାରେ କଟକ ମହାନଗର ଶାନ୍ତି କମିଟି ପକ୍ଷରୁ ଚଳିତ ବର୍ଷର ବାସନ୍ତୀ ଦୁର୍ଗାପୂଜା ଓ ଭସାଣୀ ଉତ୍ସବକୁ ସଫଳ କରିବା ପାଇଁ ଏକ ପ୍ରସ୍ତୁତି ସଭା ଅନୁଷ୍ଠିତ ହେବ। ଏଥିରେ ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ ଓ କଟକ ମହାନଗର ନିଗମ ପଦାଧିକାରୀଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦଙ୍କ ସହ ଶାନ୍ତି କମିଟି ଓ ବାସନ୍ତୀ ଦୁର୍ଗା ମଣ୍ଡପର ପଦାଧିକାରୀମାନଙ୍କୁ ଯୋଗଦେବାକୁ ନିମନ୍ତ୍ରଣ କରାଯାଇଛି। ଏହି ବୈଠକର ଗୁରୁତ୍ୱକୁ ଉପଲବ୍ଧି କରି ନିର୍ଦ୍ଦିଷ୍ଟ ସ୍ଥାନ ଓ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ହେବାକୁ କମିଟିର ସାଧାରଣ ସମ୍ପାଦକ ଭିକାରୀ ଦାସ ସମସ୍ତଙ୍କୁ ନିବେଦନ କରିଛନ୍ତି।

# ସମ୍ବାଦପତ୍ର ବିକ୍ରେତା ସଂଘର କମିଟି ବୈଠକ



କଟକ, ୫।୪(ସମିସ): ସମ୍ବାଦପତ୍ର ବିକ୍ରେତା ସଂଘର କମିଟି ବୈଠକ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆୟବ୍ୟୟର ହିସାବ କରାଯିବା ସହିତ ଆଗାମୀ ୧ ତାରିଖରେ ସଂଘର ନିର୍ବାଚନ ହେବାକୁ ସ୍ଥିର କରାଯାଇଥିଲା। ଏକ ରକ୍ତଦାନ ଶିବିର କରାଯାଇ ସଂଖ୍ୟାଧିକ ରକ୍ତଦାତାଙ୍କୁ ଏକତ୍ରିତ କରାଯିବାକୁ ସଂଘର ସଦସ୍ୟମାନେ ନିଷ୍ପତ୍ତି ନେଇଥିଲେ। ସଂଘର ଉପସଭାପତି ପିତାମ୍ବର ବେହେରା, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ପ୍ରଭାସ ପ୍ରଧାନ, ହିମାଂଶୁ ମହାପାତ୍ର, ମନୋଜ ପାଲ୍, ପ୍ରଦ୍ୟୁମ୍ନ ବିଶୋଇ ଓ ପ୍ରଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ■ ୫ବର୍ଷରେ ପଦାର୍ପଣ କଲା ସାଇ ନିର୍ମାଲ୍ୟ ଅନ୍‌ଲାଇନ୍ ସଂସ୍କରଣ

# ସାଇନିର୍ମାଲ୍ୟ ୱେବ୍‌ସାଇଟ୍ ଉନ୍ମୋଚିତ

କଟକ, ୫।୪(ସମିସ): ଶିରିଡି ସାଇ ବାବାଙ୍କ ଉପରେ ଆଧାରିତ ନୂଆ ଜୀବନର ସନ୍ଧାନ 'ସାଇ ନିର୍ମାଲ୍ୟ' ପକ୍ଷରୁ ପ୍ରତିଦିନ ସନ୍ଧ୍ୟାରେ ଜୁମ୍ ମାଧ୍ୟମରେ ଅନଲାଇନ୍‌ରେ ହେଉଥିବା ପାରାୟଣ କାର୍ଯ୍ୟକ୍ରମ ୪ବର୍ଷ ପୂରଣ କରି ୫ବର୍ଷରେ ପହଞ୍ଚିଛି। କରୋନା ସମୟରେ ୨୦୨୦ଏପ୍ରିଲ୍ ୨ତାରିଖରେ ଅନଲାଇନ୍ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ଗୁରୁଜୀ ଡଃ ଚନ୍ଦ୍ରଭାନୁ ଶତପଥୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ସେହିଦିନ ଠାରୁ ଏହା ନିରବଚ୍ଛିନ୍ନ ଭାବରେ ପ୍ରତିଦିନ ଚାଲି ଆସିଛି। ଗତକାଲି ଡଃ ଶତପଥୀ ଭର୍ଚୁଆଲ୍ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସାଇ ନିର୍ମାଲ୍ୟର ନୂତନ ୱେବସାଇଟ୍ ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ ସାଇ ନିର୍ମାଲ୍ୟ ଡଟ୍ କମ୍‌କୁ ଉଦ୍‌ଘାଟନ କରିଥିଲେ। ସାଇ ନିର୍ମାଲ୍ୟର ମୁଖ୍ୟ ଡଃ ସତ୍ୟ ଖଣ୍ଡୁରାୟ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ଦେଶାତ୍ମବୋଧକ କବିତା ପାଠୋତ୍ସବ

କଟକ, ୫।୪(ସମିସ): ଆଜି ସନ୍ଧ୍ୟାରେ ବାଇମୁଣ୍ଡି ସାହିତ୍ୟ ସଂସ୍କୃତି ସୁରକ୍ଷା ସମାଜ ପକ୍ଷରୁ ଦେଶାତ୍ମବୋଧକ କବିତା ପାଠୋତ୍ସବ କଟକ ଶତାବ୍ଦୀବିହାର ନଳିନୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ସଞ୍ଜିତ୍ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କବି ନରସିଂହ ମହାପାତ୍ର, କବି କିଶୋର କୁମାର ସାହୁ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ସାମ୍ପ୍ରତିକ ସମୟରେ ଜାତୀୟବାଦୀ କବିତାର ମୂଲ୍ୟବୋଧ ସମ୍ପର୍କରେ ଆଲୋଚନା କରିଥିଲେ। ସଭାପତି ଶ୍ରୀ ପଟ୍ଟନାୟକ ତାଙ୍କ ଅଭିଭାଷଣରେ ମାତୃଭାଷା, ମାତୃଭୂମି ପ୍ରତି ସମ୍ମାନ ଓ ଆଦର ସୃଷ୍ଟି କରିବା ପାଇଁ ଅଧିକରୁ ଅଧିକ କବିତା ରଚନା କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଦୀନବନ୍ଧୁ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କବି ମନ୍ମଥ ବରାଳ, ସନ୍ଧ୍ୟା ଶତପଥୀ, ସୁକାନ୍ତି ମହାନ୍ତି, ଭଗବତୀ ଖଟୁଆ, ନମିତା ମହାନ୍ତି, ବସନ୍ତ ସାହୁ, ଅରୁଣ ଅଗ୍ରୱାଲ, ଶରତ ଚନ୍ଦ୍ର ମହାନ୍ତି, ନରେଶ ଚନ୍ଦ୍ର ରାୟମହାପାତ୍ର, ନୃସିଂହ ଚରଣ ଜେନା, ସ୍ୱର୍ଣ୍ଣଲତା ସିଂହସାମନ୍ତ, ଶୂନ୍ୟ ଦାସ, ସଚ୍ଚିଦାନନ୍ଦ କର, ଦେବେନ୍ଦ୍ର ନାଥ ସାହୁ, କିଶୋର ସାହୁ, ବୀରେନ୍ଦ୍ର କୁମାର ସିଂହସାମନ୍ତ ପ୍ରମୁଖ ବହୁ ବିଶିଷ୍ଟ କବି ସ୍ୱରଚିତ ଦେଶାତ୍ମବୋଧକ କବିତା ପାଠ କରିଥିଲେ।







ଅସହ୍ୟ ତାତିରେ ଅସ୍ତବ୍ୟସ୍ତ ଜନଜୀବନ (ଫଟୋ- ବିକାଶ)

# କଟକ ସିଟି





## ବାଉନ ବଜାର ତେପନ ଗଳି




# ଚାଉଳିଆଗଞ୍ଜ

## ନାଁ ପଛର କାହାଣୀ

କଟକ ପୂର୍ବାଞ୍ଚଳରେ ଅବସ୍ଥିତ ଚାଉଳିଆଗଞ୍ଜ ସହରର ଏକ ପ୍ରମୁଖ ଅଞ୍ଚଳ ଭାବେ ଗଣାଯାଇଥାଏ। ଏହି ଅଞ୍ଚଳ ଦେଇ ଚିରସ୍ରୋତା ତାଳଦଣ୍ଡା କେନାଲ ଯାଇଛି। ଚାଉଳିଆଗଞ୍ଜ ନାମକରଣ ଇତିହାସର ପଛରେ ମଧ୍ୟ ଏହି ତାଳଦଣ୍ଡା କେନାଲର ଭୂମିକା ରହିଛି। ପୂର୍ବରୁ ଯେତେବେଳେ ଗମନାଗମନ ପାଇଁ ସଡ଼କପଥ ନ ଥିଲା ସେତେବେଳେ କଟକ ନିକଟବର୍ତ୍ତୀ ପଡ଼ୋଶୀ ଅଞ୍ଚଳ ଜଗତସିଂହପୁର ଜିଲ୍ଲାର ନାଉଗାଁ, ମାଛଗାଁ ଓ ଏରସମା ଅଞ୍ଚଳର ଚାଷୀମାନେ ବ୍ୟବସାୟ ବାଣିଜ୍ୟ କରିବା ପାଇଁ ଏହି ତାଳଦଣ୍ଡା କେନାଲ ଉପରେ ନିର୍ଭର କରୁଥିଲେ। ଜଗତସିଂହପୁରରୁ ଚାଷୀମାନେ ଡଙ୍ଗା ସହାୟତାରେ ଚାଉଳ ଆଣି ଇଂରେଜମାନେ ତିଆରି କରିଥିବା ମାଲଗୋଦାମ ଡକ ୟାର୍ଡରେ ପହଞ୍ଚାଉଥିଲେ। ଏଠାରୁ ସମଗ୍ର ରାଜ୍ୟକୁ ଚାଉଳ ପରିବହନ ହେଉଥିଲା। ଏହି ପରିବହନ ଫଳରେ ଏହି ଅଞ୍ଚଳରେ ତାଳଦଣ୍ଡାର ଏକ ବିରାଟ ଗଣ୍ଡ ସୃଷ୍ଟି ହୋଇଥିଲା। ଏହି ଗଣ୍ଡ ସହାୟତାରେ ଅଧିକାଂଶ ଚାଉଳ ପରିବହନ ହେଉଥିବାରୁ ଏହାକୁ କେହି କେହି ଚାଉଳ ଗଣ୍ଡ କହିବାକୁ ଲାଗିଲେ। ପରେ ଧିରେ ଧିରେ ଏହି ଶବ୍ଦ ଅପଭ୍ରଂଶ ହୋଇ ଚାଉଳିଆଗଞ୍ଜ ହୋଇଥିବା ନେଇ ଲୋକମୁଖରୁ ଶୁଣିବାକୁ ମିଳିଥାଏ।




ଏଠାକାର ମାଟି କଥା କୁହେ, ପାଣି ଓ ପବନ'ରେ ଭରି ରହିଛି ହଜାର ବର୍ଷର ବାସ୍ନା। ଏଠି ସବୁ ହୃଦୟରେ ଦେଖିବାକୁ ମିଳେ 'ଭାଇଚାରା'ର ନିଆରା ନିଦର୍ଶନ। କିଏ, କେଉଁଠି, କାହିଁକି ଓ କେମିତି ଏ ସହରକୁ ଆସିଛି, ତାହା ଏଠି ବୁଝାଯାଏ ନାହିଁ। ଭାଇ'ଟିଏ ହୋଇ କାନ୍ଧ' ଦେଖାଏ ଏ ସହର। କେବେ ମା'ପରି ପଣତକାନିରେ ଲୁହ ପୋଛି ଦିଏ ତ ଆଉ କେତେବେଳେ ବାପା'ଟିଏ ହେଇ ଅନୁଶାସନର ନାଲି ଆଖି ଦେଖାଏ। ସାମ୍ପ୍ରତିକ ଅତ୍ୟାଧୁନିକ ସହରୀ ସଭ୍ୟତାର ଊର୍ଦ୍ଧ୍ୱକୁ ଯାଇ ଏ ସହର ଦେଖାଏ ଏକ ବିରାଟ୍ ଗାଁ'ର ଆତ୍ମୀୟତା... ଏବେ ରୂପାନ୍ତରଣ'ର ସ୍ପର୍ଶରେ ଝଲସୁଛି ରୌପ୍ୟନଗରୀ। ଏ ସହର ଛାତି ଉପରେ ଛିଡା ହୋଇ ଆକାଶ'କୁ ମୁଣ୍ଡ ଟେକିଲାଣି ନୂଆ ଏକ କଟକ। ଆଉ ନାହିଁ ସେ ଦିନର ସଂକୀର୍ଣ୍ଣ ରାସ୍ତା, ଦୁର୍ଗନ୍ଧ ପରିବେଶ, ଅଳିଆ ଓ ଆବର୍ଜନାମୟ ସଂଗୀନ ସ୍ଥିତି। ଏବେ ଚମକୁଛି ବାଉନ ବଜାର ତେପନ ଗଳି'। ଏଠାକାର ଗଳିକନ୍ଦିରେ ଲୁଚି ରହିଛି ହଜାର ବର୍ଷର ସାହିତ୍ୟ, କଳା, ସଂସ୍କୃତି, ଐତିହ୍ୟ ଓ ଇତିହାସ। କେଶରୀ ବଂଶର ରାଜା ନୃପ କେଶରୀଙ୍କ ଦ୍ୱାରା ୯୮୯ ଖ୍ରୀ.ଅରେ ପ୍ରତିଷ୍ଠା ହୋଇଥିବା ଏ ସହରର 'ବାଉନ ବଜାର ତେପନ ଗଳି' ପଛରେ ଥିବା କାହାଣୀ'କୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା...








## ପର୍ବପର୍ବାଣୀ ଓ ଯାନିଯାତରା

ସାହିରେ ୧୨ ମାସରେ ୧୩ ଯାତ୍ରା ପାଳିତ ହୋଇଥାଏ। ଦୁର୍ଗାପୂଜା, କାଳୀପୂଜା, ଗଜଲକ୍ଷ୍ମୀ ପୂଜା, ଗଣେଶ ପୂଜା ଓ ସରସ୍ୱତୀ ପୂଜା ବଡ଼ ଜାକଜମକରେ ପାଳିତ ହୁଏ। ସାହିରେ ରହୁଥିବା ପାଟରା ସମ୍ପ୍ରଦାୟ ପକ୍ଷରୁ ଗହ୍ମାପୂର୍ଣ୍ଣିମା ବା ରାକ୍ଷୀପୂର୍ଣ୍ଣିମା ପର୍ବ ପାଳିତ ହୋଇଥାଏ ତୈଳିକ ସମାଜ ପକ୍ଷରୁ ଅଗୀ ପୂର୍ଣ୍ଣିମା, କୈବର୍ତ୍ତ ସମାଜ ପକ୍ଷରୁ ଚୈତ୍ର ମାସରେ ଚୈତ୍ର ପୂର୍ଣ୍ଣିମା ମଧ୍ୟ ବଡ଼ ଧୂମଧାମର ସହିତ ପାଳନ କରାଯାଇଥାଏ। ଏଥି ସହ ସାହିରେ ଥିବା ବିଭିନ୍ନ ମନ୍ଦିରରେ ବାର୍ଷିକ ଉତ୍ସବ ଆୟୋଜିତ ହେଉଥିବା ବେଳେ ବିଭିନ୍ନ ଶିବ ମନ୍ଦିରରେ ଶିବରାତ୍ରି ଓ ଶୀତଳଷଷ୍ଠୀ ମଧ୍ୟ ପାଳିତ ହୋଇଥାଏ।

## ପ୍ରମୁଖ ଅନୁଷ୍ଠାନ ଓ ପ୍ରତିଷ୍ଠାନ





ସାହିରେ ଗୁଣାଦୋଳ ପ୍ରାଥମିକ ବିଦ୍ୟାଳୟ, କୁଞ୍ଜବିହାରୀ ହାଇସ୍କୁଲ, ଚାଉଳିଆଗଞ୍ଜ ବାଳିକା ବିଦ୍ୟାଳୟ, ଚାଉଳିଆଗଞ୍ଜ ଉପ୍ରା ବିଦ୍ୟାଳୟ ଭଳି ଅନୁଷ୍ଠାନ ରହିଥିବା ବେଳେ ଚାଉଳିଆଗଞ୍ଜ ଦୁର୍ଗା ପୂଜା କମିଟି, ଲକ୍ଷ୍ମୀନାରାୟଣ ଜୀୟୁ ସଂକୀର୍ତ୍ତନ ମଣ୍ଡଳୀ, ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ, କୁଞ୍ଜବିହାରୀ ସଂକୀର୍ତ୍ତନ ମଣ୍ଡଳୀ, ମଙ୍ଗଳାସାହି ସଂକୀର୍ତ୍ତନ ମଣ୍ଡଳୀ, ମଦନମୋହନ ଜୀୟୁ ସଂକୀର୍ତ୍ତନ ମଣ୍ଡଳୀ ଥିବା ବେଳେ ଅପର୍ଣ୍ଣା ରାମଲୀଳା ପ୍ରଚାର ସମିତି ଓ କାମେଶ୍ୱର ରାମଲୀଳା ପ୍ରଚାର ସମିତି ଭଳି ପ୍ରତିଷ୍ଠାନ ମଧ୍ୟ ସାହିରେ ରହିଛି। ଏଥି ସହ ସାହିରେ କଟକ ସହରର ଅଗ୍ରଣୀ ସାମାଜିକ ସେବା ସଂଗଠନ ସ୍ୱପ୍ନ ଫାଉଣ୍ଡେସନ ମଧ୍ୟ ଏହି ସାହିରେ ରହିଛି।



ଚାଉଳିଆଗଞ୍ଜ କଟକ ସହରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ସାହିର ଅଞ୍ଚଳବାସୀ ଓ ଯୁବକଙ୍କ ସାହାଯ୍ୟ ସହଯୋଗରେ ଆମେ ସାହିର ବିକାଶକୁ ଆଗେଇ ନେଇ ଚାଲିଛୁ। ଅଞ୍ଚଳବାସୀଙ୍କ ସାହାଯ୍ୟରେ ଆମେ ଦେବୀ ଦୁର୍ଗାଙ୍କ ପାଇଁ ଏକ ଆକର୍ଷଣୀୟ ଚାନ୍ଦି ମେଢ଼ ଓ ସୁନା ମୁକୁଟ ନିର୍ମାଣ କରିପାରିଛୁ। ଆମ ପୂଜା କମିଟି ପକ୍ଷରୁ କେବଳ ପୂଜା କାର୍ଯ୍ୟରେ ନିଜକୁ ସୀମିତ ରଖାଯାଇ ନ ଥାଏ। ଏଥି ସହ ଅନେକ ସମାଜସେବା କାର୍ଯ୍ୟ ମଧ୍ୟ କରାଯାଇଥାଏ।



**ନିରଞ୍ଜନ ସାହୁ** (ଶିବ), ସମ୍ପାଦକ, ଚାଉଳିଆଗଞ୍ଜ ଦୁର୍ଗା ପୂଜା କମିଟି

ଆମ ସାହି କଟକର ଅନ୍ୟତମ ଶୃଙ୍ଖଳିତ ସାହି। ସାହିର ଯୁବକମାନେ ସବୁବେଳେ ସବୁ କାର୍ଯ୍ୟରେ ମୁରବୀଙ୍କୁ ସାହାଯ୍ୟ ସହଯୋଗ କରିବା ସହ ମୁରବୀଙ୍କୁ ସମ୍ମାନ ମଧ୍ୟ ଦେଇଥାନ୍ତି। ଏଥି ସହ ଦୁର୍ଗାପୂଜା ଆଉ କାଳୀପୂଜା ଭସାଣୀ ଶୋଭାଯାତ୍ରାରେ ସାହିର ଯୁବକମାନେ ପୁଲିସ ପ୍ରଶାସନ ମଧ୍ୟରେ ସମନ୍ୱୟ ରକ୍ଷା କରି ଶାନ୍ତିଶୃଙ୍ଖଳା ରକ୍ଷା କରିଥାନ୍ତି।



**ଦେବେନ୍ଦ୍ର ପାତ୍ର**, ସଭାପତି, ଚାଉଳିଆଗଞ୍ଜ ଦୁର୍ଗା ପୂଜା କମିଟି

ଭାଇଚାରାର ସହର କଟକରେ ଚାଉଳିଆଗଞ୍ଜ ନିଜ ଭାଇଚାରା ପାଇଁ ଅନନ୍ୟ। ସାହିର ଯୁବକମାନେ ସବୁବେଳେ ସେବା ସହଯୋଗ କରିବା ପାଇଁ ଆଗଭର ଥାଆନ୍ତି। ପୂଜା ପାର୍ବଣ ହେଉ କି କୌଣସି ଦୈବୀ ଦୁର୍ବିପାକ ସାହିର ଉତ୍ସାହୀ ଯୁବକମାନେ ସହଯୋଗ କରିବା ପାଇଁ ସବୁବେଳେ ଆଗରେ ରହିଥାନ୍ତି।



**ସୁଧାଂଶୁ ପାତ୍ର**, ପ୍ରତିଷ୍ଠାତା ସ୍ୱପ୍ନ ଫାଉଣ୍ଡେସନ

ମୋତେ ୮୪ ଟପିଲାଣି। ଆମ ବେଳର ଚାଉଳିଆଗଞ୍ଜ ଆଉ ଆଜିର ଚାଉଳିଆଗଞ୍ଜ ମଧ୍ୟରେ ଆକାଶପାତାଳ ଫରକ। ସେତେବେଳେ ଏତେ କୋଠାବାଡ଼ି ନ ଥିଲା କି ବିଦ୍ୟୁତ ବ୍ୟବସ୍ଥା ମଧ୍ୟ ନ ଥିଲା। ଖୁଣ୍ଟ ଗୁଡିକରେ କିରାସିନ ବତି ଜଳୁଥିଲା। ରାସ୍ତାଘାଟ ମଧ୍ୟ ନ ଥିଲା, ହେଲେ ସମୟ ସହ ତାଳଦେଇ ସାହିର ନକ୍ସାରେ ମଧ୍ୟ ଅନେକ ପରିବର୍ତ୍ତନ ହୋଇଗଲାଣି।



**ମହେନ୍ଦ୍ର ସାହୁ**, ବରିଷ୍ଠ ନାଗରିକ

ମୋତେ ଆସି ୮୦ ବର୍ଷ ହେଲାଣି। ମୁଁ ସାହିକୁ ୬୫ ବର୍ଷ ହେବ ବାହା ହୋଇକି ଆସିଲିଣି। ଆମ ସାହିରେ ଗ୍ରାମଦେବୀ ମଙ୍ଗଳା ଭାରି ପ୍ରତ୍ୟେକ୍ଷ। ଲୋକକଥାରୁ ଶୁଣିବାକୁ ମିଳେ ଏହି ତାଳଦଣ୍ଡା କେନାଲ ପାଣିରୁ ମା'ଙ୍କ ପ୍ରତିମା ଉଦ୍ଧାର କରାଯାଇଥିଲା ବୋଲି। ମୋ ଆଖି ଆଗରେ ସାହିର ଅନେକ ପରିବର୍ତ୍ତନ ହେବାର ଦେଖିଛି। ଅନେକ ବରିଷ୍ଠ ଲୋକ ଆରପାରିକୁ ଚାଲିଗଲେଣି। ଆମ ସାହିରେ ଦୁର୍ଗାପୂଜା, କାଳୀପୂଜା ଓ ଖୁଦୁରୁକୁଣୀ ଯାତ୍ରା ବଡ ଧୂମଧାମରେ ପାଳନ କରାଯାଇଥାଏ। ସମୟ ସହ ତାଳ ଦେଇ ଏହି ପୂଜାରେ ମଧ୍ୟ ଅନେକ ପରିବର୍ତ୍ତନ ହୋଇଗଲାଣି।



**କନକଲତା ସାହୁ**, ବରିଷ୍ଠ ନାଗରିକ

### ପରିସୀମା

ଚାଉଳିଗଞ୍ଜର ପରିସୀମା ନୂଆବଜାର କଟକ ରୋଡ ଠାରୁ ଆରମ୍ଭ ହୋଇ ଓଏମପି ଛକ ପର୍ଯ୍ୟନ୍ତ ଥିବା ବେଳେ ଅପରପାର୍ଶ୍ୱରେ ତାଳଦଣ୍ଡା କେନାଲ କୂଳଠାରୁ ଶିଖରପୁର - ଗଣ୍ଡରପୁର ସାହି ଶେଷ ସୀମା ପର୍ଯ୍ୟନ୍ତ ଅଞ୍ଚଳ ରହିଛି। କଟକ ମହାନଗର ନିଗମର ୪୨ ନଂ ଓ ୪୩ ନଂ ୱାର୍ଡରେ ସାହି ଅବସ୍ଥିତ ଥିବା ବେଳେ ଚାଉଳିଆଗଞ୍ଜ ଥାନା ପରିସୀମା ଭିତରେ ସାହିର ସମସ୍ତ ଅଞ୍ଚଳ ଆସିଥାଏ। ଏଥି ସହ ସାହିରେ ପ୍ରାୟ ୨୦ ହଜାର ଲୋକ ବସବାସ କରିଥାନ୍ତି।

### ବିଶିଷ୍ଟ ବ୍ୟକ୍ତିବିଶେଷ

ସ୍ୱର୍ଗତ ଶରତ ଚନ୍ଦ୍ର ସାହୁ, ସ୍ୱର୍ଗତ ରାମଚନ୍ଦ୍ର ପୃଷ୍ଟି, ସ୍ୱର୍ଗତ ଭୋଳି ପାତ୍ର, ସ୍ୱର୍ଗତ କୃଷ୍ଣଚନ୍ଦ୍ର ପାତ୍ର, ସ୍ୱର୍ଗତ ନିତ୍ୟାନନ୍ଦ ସାହୁ, ସ୍ୱର୍ଗତ ହାଡ଼ିବନ୍ଧୁ ସାହୁ, ସ୍ୱର୍ଗତ ଗିରିଧାରୀ ସାହୁ, ସ୍ୱର୍ଗତ ବନମାଳୀ ସାହୁ, ଶିକ୍ଷାବିତ ସ୍ୱର୍ଗତ ଅର୍ଜୁନୀ ସେନାପତି, ଓଏଏସ କାହ୍ନୁଚରଣ ସାହୁ, ଜଷ୍ଟିସ ସଙ୍ଗମ କୁମାର ସାହୁ, ବରିଷ୍ଠ ଆଇନଜୀବୀ ଟହଲି ଚରଣ ମହାନ୍ତି, ଜଗବନ୍ଧୁ ସାହୁ, ବୈକୁଣ୍ଠ ସାହୁ, ଡ. ବୈଷ୍ଣବ ଚରଣ ସାମଲ, ଅବସରପ୍ରାପ୍ତ ଏସପି ନିରଞ୍ଜନ ସ୍ୱାଇ, ଅମୂଲ୍ୟ ମହାନ୍ତି, ଡା. ଦେବେନ୍ଦ୍ରନାଥ ଦାସ।

### ବିଭିନ୍ନ କ୍ଲବ୍ ଓ ଯୁବକ ସଂଘ

ସାହିରେ ଚାଉଳିଆଗଞ୍ଜ ଦୁର୍ଗା ପୂଜା କମିଟି ଯୁବକ ସଂଘ ରହିଥିବା ବେଳେ ସର୍ବପୁରାତନ ଚାଉଳିଆ ଗଞ୍ଜ କ୍ଲବ୍ ମଧ୍ୟ ଏଠାରେ ରହିଛି। ଏହା ସହ ବିଭିନ୍ନ ସାହିରେ ଛୋଟ ବଡ଼ ଅନେକ କ୍ଲବ୍ ମଧ୍ୟ ରହିଛି।

### ବିଭିନ୍ନ ସାହି

ମଠ ସାହି, ମଙ୍ଗଳା ସାହି, ଅଟ୍ଟାରି ସାହି, ତଳ ସାହି, ଅପର୍ଣ୍ଣା ନଗର, ନୀଳାଦ୍ରି ବିହାର, ଡିଭାଇଡ ନଗର, ଚୂନଭାଟି ଅଞ୍ଚଳ ସାହିରେ ରହିଛି।

### ସମସ୍ୟା

ସାହିରେ ପାନୀୟ ଜଳ ସମସ୍ୟା ଲାଗି ରହିଥିବା ବେଳେ ଏ ନେଇ ପୂର୍ବରୁ ପ୍ରଶାସନକୁ ଜଣାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଏହାର ସମାଧାନ ହୋଇପାରିନି। ଏଥି ସହ ଓଏମପି ଛକରେ ଦୈନନ୍ଦିନ ଶହ ଶହ ମହିଳା ଯାତ୍ରୀ ବସରେ ଯାତ୍ରା କରିବା ପାଇଁ ଅପେକ୍ଷା କରୁଥିବା ବେଳେ ସେମାନଙ୍କ ପାଇଁ ଗୋଟିଏ ଶୌଚାଳୟ ନିର୍ମାଣ ପାଇଁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।




## ପ୍ରମୁଖ ଧର୍ମାନୁଷ୍ଠାନ

ସାହିରେ ଦୁର୍ଗା ଘର ମନ୍ଦିର, ଗ୍ରାମଦେବୀ ମା' ମଙ୍ଗଳା ମନ୍ଦିର, ମା' ବଉଳେଇ ମନ୍ଦିର, ମା' ଅପର୍ଣ୍ଣା ମନ୍ଦିର, ମା' ସୁନାଦେଇ ମନ୍ଦିର, କାମେଶ୍ୱର ଶିବ ମନ୍ଦିର, ନୀଳକଣ୍ଠେଶ୍ୱର ଶିବ ମନ୍ଦିର, ଅପର୍ଣ୍ଣାନଗର ଶିବ ମନ୍ଦିର, ଜଗନ୍ନାଥ ମନ୍ଦିର, ଆର୍ତ୍ତତ୍ରାଣ ମନ୍ଦିର, ରାଧାକୃଷ୍ଣ ମନ୍ଦିର, ଲକ୍ଷ୍ମୀନାରାୟଣ ମନ୍ଦିର, ଶୂନ୍ୟବାସୀ ମନ୍ଦିର ରହିଥିବା ବେଳେ ଦୁଇଟି ମଠ ମଦନମୋହନ ଜୀୟୁ ମଠ ଓ କୁଞ୍ଜବିହାରୀ ମଠ ମଧ୍ୟ ରହିଛି। ଏଥି ସହ ସାହିରେ ଓଏମପି ନିକଟରେ ଏକ ମସଜିଦ ମଧ୍ୟ ରହିଛି।

## ପ୍ରସିଦ୍ଧ ଖୁଦୁରୁକୁଣୀ ମେଳଣ



ଚାଉଳିଆଗଞ୍ଜର ଖୁଦୁରୁକୁଣୀ ମେଳଣ ସାରା ରାଜ୍ୟରେ ପ୍ରସିଦ୍ଧି ଲାଭ କରିଛି। ୧୦୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଆୟୋଜିତ ହେଉଥିବା ଏହି ମେଳଣ ଚାଉଳିଆଗଞ୍ଜ ଅଞ୍ଚଳର ପରିଚୟ ସୃଷ୍ଟି କରିଛି। ଭାଦ୍ରବ ମାସ ପ୍ରଥମ ରବିବାରରୁ ସାହିରେ ୧୭ଟି ସ୍ଥାନରେ ଖୁଦୁରୁକୁଣୀ ପୂଜା ଆରମ୍ଭ ହୋଇଥାଏ। ସାହିର ଯୁବତୀମାନେ ପ୍ରତି ରବିବାର ତାଳଦଣ୍ଡା କେନାଲ କୂଳକୁ ଯାଇ ବାଲୁକା ତୋଳି ଠାକୁରାଣୀଙ୍କ ପୂଜାର୍ଚ୍ଚନା କରିଥାନ୍ତି। ଖୁଦୁରୁକୁଣୀ ଓଷାର ଶେଷ ପାଳି ପରଦିନ ପଡୁଥିବା ସୋମବାର, ମଙ୍ଗଳବାର ଓ ବୁଧବାର ଦିନ ଠାକୁରଙ୍କ ଯାତ୍ରା ଓ ମେଳଣ ହୋଇଥାଏ। ଏହି ମେଳଣ ଦେଖିବାକୁ ସାରା ରାଜ୍ୟରୁ ବହୁ ଲୋକ ଚାଉଳିଆଗଞ୍ଜ ଅଞ୍ଚଳକୁ ଆସିଥାନ୍ତି।



ଚାଉଳିଆଗଞ୍ଜ ଦୁର୍ଗା ପୂଜା କମିଟି କର୍ମକର୍ତ୍ତା

## ଖାଦ୍ୟ ଦେଇଛି ପରିଚୟ

ଚାଉଳିଆଗଞ୍ଜର ଦରିଆ ନାନୀଙ୍କ ଜିରା ପୋସ୍ତକ ବରା ଖାଇବା ପାଇଁ ଦିନେ ସହରର ଲୋକଙ୍କ ଭିଡ ସାହିରେ ଜମୁଥିଲା। ହେଲେ ଦରିଆ ନାନୀଙ୍କ ପରଲୋକ ପରେ ତାଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିବା ଏହି ସ୍ୱତନ୍ତ୍ର ବରା ଆଉ ମିଳୁନି। ସେହିପରି ପରେ ମାଳିଆ ନାନୀଙ୍କ ଥ୍ରି ଇନ୍ ୱାନ ବରାର ସ୍ୱାଦ ପାଇଁ ମଧ୍ୟ ସାହିରେ ପ୍ରବଳ ଭିଡ଼ ଜମେ। ବରା ଆଣ, ପିଆଜି ଆଣ ଓ ଆଳୁ ମସଲା ପୂରରେ ପ୍ରସ୍ତୁତ ହେଉଥିବା ଏହି ବରାର ସ୍ୱାଦ ସମ୍ପୂର୍ଣ୍ଣ ନିଆରା ଥିଲା। ମାଳିଆ ନାନୀଙ୍କ ପରଲୋକ ପରେ ବର୍ତ୍ତମାନ ତାଙ୍କ ନାତି ଚନ୍ଦନ ଓ କୃଷ୍ଣ ଏହି ବ୍ୟବସାୟ ଜାରି ରଖିଛନ୍ତି। ଏଥି ସହ ସ୍ୱର୍ଗତ କ୍ଷେତ୍ରବାସୀ ସାହୁଙ୍କ ଗୁଲୁଗୁଲା ମଧ୍ୟ ବେଶ ପ୍ରସିଦ୍ଧ ଥିଲା।

## ବିଜେଡିର ପ୍ରାର୍ଥୀ ତାଲିକା ଘୋଷଣା

# ସାଲେପୁରରୁ ଲଢ଼ିବେ ପ୍ରଶାନ୍ତ, ପ୍ରକାଶ ବାରବାଟୀ-କଟକରୁ

**କଟକ/ସାଲେପୁର, ୫ ।୪(ସମିସ)**




ବାରବାଟୀ-କଟକ ଓ ସାଲେପୁର ବିଧାନସଭା କ୍ଷେତ୍ରରୁ ବିଜୁ ଜନତା ଦଳ କାହାକୁ ପ୍ରାର୍ଥୀ କରିବ ସେନେଇ ବେଶ କିଛି ଦିନ ହେବ ଚର୍ଚ୍ଚା ଲାଗି ରହିଥିଲା । ତେବେ, ଶୁକ୍ରବାର ବିଜେଡି ସୁପ୍ରିମୋ ତୃତୀୟ ପର୍ଯ୍ୟାୟରେ ଏହି ଦୁଇ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା କରିବା ପରେ କର୍ମୀଙ୍କ ଉତ୍କଣ୍ଠାର ଅବସାନ ଘଟିଛି ।

ବାରବାଟୀ-କଟକରୁ ସାଲେପୁରର ପୂର୍ବତନ ବିଧାୟକ ପ୍ରକାଶଚନ୍ଦ୍ର ବେହେରାଙ୍କୁ ବିଜେଡି ଟିକେଟ ଦେଇଛି । ପୂର୍ବରୁ ସାଲେପୁର ବିଧାନସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ହୋଇ ପ୍ରକାଶ ସ୍ୱର୍ଗତ କାଳିନ୍ଦୀ ବେହେରାଙ୍କଠାରୁ ୨ଥର ଓ ଚନ୍ଦ୍ରସାରଥୀ ବେହେରାଙ୍କ ଠାରୁ ଥରେ ପରାଜିତ ହୋଇଥିଲେ । ୨୦୧୪ ମସିହାରେ ପ୍ରଶାନ୍ତ ବେହେରାଙ୍କୁ ହରାଇ ବିଜୟୀ ହୋଇଥିଲେ । ୨୦୧୯ରେ କଂଗ୍ରେସ ଛାଡି ବିଜେପିରେ ଯୋଗଦେଇଥିଲେ । ବିଧାୟକ ପ୍ରଶାନ୍ତ ବେହେରାଙ୍କ ଠାରୁ ୨୦୧୯ରେ ପରାସ୍ତ ହୋଇଥିଲେ । ବାରବାଟୀ-କଟକରେ ଏପର୍ଯ୍ୟନ୍ତ କେହି ପ୍ରାର୍ଥୀ ଘୋଷଣା କରି ନ ଥିବା ବେଳେ ବିଜେଡି ପ୍ରକାଶଙ୍କୁ ଆଗୁଆ ପ୍ରାର୍ଥୀ ଘୋଷଣା କରିଛି । ତେବେ କଂଗ୍ରେସରୁ ବିଧାୟକ ଙ୍କ ମହମ୍ମଦ ମୋକିମ ପ୍ରାର୍ଥୀ ହେଉଥିବା ଜଣାପଡ଼ିଛି । ପ୍ରକାଶ ପ୍ରାର୍ଥୀ ହେବା ପରେ ଏଠାରେ ଏକ ରୋଚକ ଲଢେଇ ହେବ ବୋଲି ଜଣାପଡ଼ିଛି ।

ସେହିପରି ସାଲେପୁର ବିଧାନସଭା ଆସନ ପାଇଁ ବର୍ତ୍ତମାନର ବିଧାୟକ ପ୍ରଶାନ୍ତ ବେହେରାଙ୍କ ଉପରେ ପୁଣି ଦଳ ଆସ୍ଥା ପ୍ରକଟ କରିଛି । ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ତୃତୀୟ ଥର ପାଇଁ ସାଲେପୁର ଆସନ ନିମନ୍ତେ ଦଳୀୟ ସୁପ୍ରିମୋଙ୍କର ବିଶ୍ୱାସଭାଜନ ହେବା ସହ ଦଳୀୟ ଟିକେଟ୍ ହାତେଇବାରେ ସକ୍ଷମ ହୋଇଛନ୍ତି । ଆଜି ସାଲେପୁର ନିର୍ବାଚନ ମଣ୍ଡଳୀରେ ଏକପ୍ରକାର ଉତ୍ସବ ପାଳିତ ହୋଇଛି । ସାଲେପୁରର ପୂର୍ବତନ ବିଧାୟକ ତଥା କଟକ ଜିଲ୍ଲା ବିଜେପି ସଭାପତି ପ୍ରକାଶ ବେହେରା ବିଜେଡିରେ ସାମିଲ ହେବା ପରେ ସାଲେପୁର ବିଧାନସଭା ଆସନର ବିଜେଡି ବିଧାୟକ ଟିକେଟ୍‌କୁ ନେଇ ଦ୍ୱନ୍ଦ ସୃଷ୍ଟି ହୋଇଥିଲା । ପ୍ରଶାନ୍ତଙ୍କ ବହୁ ସମର୍ଥକ ଆଜି ସକାଳୁ ବିଭିନ୍ନ ଦେବାଦେବୀ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ଅଖଣ୍ଡ ଦୀପ ଜାଳିଥିବା ଦେଖିବାକୁ ମିଳିଥିଲା । ବିଜେଡି ତାହାର ପ୍ରାର୍ଥୀ ତାଲିକା ଘୋଷଣା କରିଥିବାବେଳେ ଅଦ୍ୟାବଧି ବିଜେପି ଓ କଂଗ୍ରେସ ଏହି ଆସନ ପାଇଁ ତାଙ୍କର ପ୍ରାର୍ଥୀ ଘୋଷଣା କରି ନ ଥିବା ଜଣାଯାଇଛି । ବିଜେପି ଏଠାରେ ଅରିନ୍ଦମ୍ ରାୟ ଓ ଅନୁଭବ ମହାନ୍ତି ଭଳି ହେଭିୱେଟ୍ ନେତାଙ୍କୁ ଏହି ନିର୍ବାଚନ ମଣ୍ଡଳୀରେ ଉପସ୍ଥାପନ କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଥିବା ଜଣାଯାଇଛି । ସେହିପରି କଂଗ୍ରେସ ଦଳରୁ କଂଗ୍ରେସ ମଙ୍ଗ ଧରିଥିବା ଆକ୍ୟୁବ୍ ଖାଁଙ୍କୁ ମଧ କଂଗ୍ରେସ ଦଳ ପ୍ରାର୍ଥୀ କରିବା ଏକପ୍ରକାର ନିଶ୍ଚିତ ହୋଇଥିବା ଶୁଣାଯାଉଛି । ଅପର ପକ୍ଷରେ ପ୍ରକାଶ ବେହେରା ବିଜେପି ଦଳ ପରିତ୍ୟାଗ କରି ବିଜେଡିରେ ମିଶିବା ପରେ ବିଜେଡି ଦଳ ପକ୍ଷରୁ ତାଙ୍କୁ କଟକ ବାରବାଟୀ ଦଳର ବିଧାୟକ ପ୍ରାର୍ଥୀ ଭାବେ ଟିକେଟ୍ ପ୍ରଦାନ କରାଯାଇଛି ।

## ଗଣ୍ଡଗୋଳ ଘଟଣାରେ ଜଣେ ଗିରଫ

**ଚୌଦ୍ୱାର, ୫।୪(ସମିସ):** ଚାରବାଟିଆ ବିରାଟ ବଜାର ନିକଟସ୍ଥ ଇଏସ୍‌ଆଇ ହସପିଟାଲରର ଷ୍ଟାଫ କ୍ୱାର୍ଟର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ତଦାରଖ କରୁଥିବା ଜଣେ ସୁପରଭାଇଜରଙ୍କୁ ଆକ୍ରମଣ କରି ଆହତ କରିବା ଅଭିଯୋଗରେ ଚୌଦ୍ୱାର ପୁଲିସ ଜଣେ ପାଣି ପାଇପ୍ ମିସ୍ତ୍ରୀକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଚୌଦ୍ୱାର କପାଳେଶ୍ୱର ଅଞ୍ଚଳର ଦୀପକ କୁମାର ବାହାଦୁର(୪୦) ।

ପୁଲିସ ସୂଚନା ଅନୁଯାୟୀ, ଇଏସ୍‌ଆଇ କଲୋନୀରେ କ୍ୱାର୍ଟରଗୁଡ଼ିକର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ଉତ୍ତରପ୍ରଦେଶର ଜଣେ ଠିକାଦାରଙ୍କୁ ପ୍ରଦାନ କରାଯାଇଥିଲା । ଠିକାଦାରଙ୍କ ସୁପରଭାଇଜର ଭାବେ ଅନୁରାଗ ଗୋର କାର୍ଯ୍ୟ ତଦାରଖ କରୁଥିଲେ । ତାଙ୍କ ପାଖରେ ପାଣି ମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ଦୀପକ କାମ ପାଇଁ ଅନୁରାଗଙ୍କଠାରୁ ଟଙ୍କା ନେଇ ସୁଦ୍ଧା କାର୍ଯ୍ୟ କରୁ ନ ଥିବାରୁ ଏ ସମ୍ପର୍କରେ ଅନୁରାଗ ତାଙ୍କୁ ତାଗିଦ୍ କରିଥିଲେ । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଓ ମାରପିଟ ହୋଇଥିଲା । ଦୀପକଙ୍କ ଆକ୍ରମଣରେ ଅନୁରାଗ ଆହତ ହୋଇଥିଲେ । ଅଭିଯୋଗ ପାଇ ପୁଲିସ ଦୀପକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ଘଟଣାର ଅଧିକ ତଦନ୍ତ ଜାରି ରଖିଛି ।

## ୭୦୦ ଲିଟର ଦେଶୀମଦ ଜବତ; ୫ ଗିରଫ

**ତିଗିରିଆ, ୫।୪(ସମିସ):** ୨୦୨୪ ସାଧାରଣ ନିର୍ବାଚନକୁ ଶାନ୍ତିଶୃଙ୍ଖଳା ସହ ପାଳନ କରିବା ଲକ୍ଷ୍ୟ ନେଇ ତିଗିରିଆ ଥାନା ପକ୍ଷରୁ ଭିରୁଡା ପଣସ ପାଟଣା ଗ୍ରାମରେ ଚଢଉ କରାଯାଇ ୭୦୦ ଲିଟର ରନ୍ଧା ଦେଶୀ ମଦ ସହ ୪ ହଜାର ଲିଟର ପୋଚ ନଷ୍ଟ କରାଯାଇଥିବା ବେଳେ ଅନିୟମିତତା ଭାବେ ମଦ ବ୍ୟବସାୟ କରୁଥିବା ୫ ଜଣ ବ୍ୟବସାୟୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଏଥିନେଇ ତିଗିରିଆ ଥାନାରେ ୩ଟି ପୃଥକ ପୃଥକ ମାମଲା ରୁଜୁ କରାଯାଇଥିବାର ତିଗିରିଆ ଥାନାଧିକାରୀ ଜ୍ଞାନରଞ୍ଜନ ସାମଲଙ୍କ ସୂତ୍ରରୁ ଖବର ମିଳିଛି । ମିଳିଥିବା ସୂଚନା ମୁତାବକ, ଶୁକ୍ରବାର ସନ୍ଧ୍ୟାରେ ତିଗିରିଆ ଥାନା ଅଧୀନ ଭିରୁଡା ପଣସପାଟଣା ଗ୍ରାମରେ ମଦ ରନ୍ଧାଯାଉଥିବାର ଖବର ପାଇ ତିଗିରିଆ ଥାନା ଅଧିକାରୀ ଜ୍ଞାନ ରଞ୍ଜନ ସାମଲ, ଗ୍ରାମାଞ୍ଚଳ ଏସପି କୃଷ୍ଣଚନ୍ଦ୍ର ପଟ୍ଟନାୟକ ଓ ଆଠଗଡ଼ ଆରକ୍ଷୀ ଅଧିକ୍ଷକ ରବୀନ୍ଦ୍ର କୁମାର ନାୟକ ପ୍ରମୁଖ ସଦଳବଳେ ଚଢଉ କରିଥିଲେ । ଚଢଉ ସମୟରେ ତିଗିରିଆ ପୁଲିସ ୭ଶହ ଲିଟର ଦେଶୀ ମଦ ସହ ପ୍ରାୟ ୪ ହଜାର ଲିଟର ପୋଚ ଜବତ କରିଥିଲା । ଚଢଉ ସମୟରେ ସେଠାରେ ଉପସ୍ଥିତ ଥିବା ଅନ୍ତର୍ଯାମୀ ସାହୁ, ସୁବାସ ଚନ୍ଦ୍ର ସାହୁ, ଦୟାନିଧି ସାହୁ, ଇନ୍ଦ୍ରମଣୀ ସାହୁ ଓ ଉତ୍ତମ କୁମାର ସାହୁଙ୍କୁ ପୁଲିସ ଗିରଫ କରିବାରେ ସକ୍ଷମ ହୋଇଛି । ଏଥିନେଇ ତିଗିରିଆ ଥାନା ପକ୍ଷରୁ କେଶ୍ ନଂ- ୮୭/୨୪, ୮୮/୨୪ ଓ ୮୯/୨୯ ରେ ୩ଟି ପୃଥକ ମାମଲା ରୁଜୁ କରାଯାଇ ଆସାମୀଙ୍କୁ କୋର୍ଟ ଚାଲାଣ କରାଯାଇଛି ।

■ **ହାଇକୋର୍ଟରେ ଜେଲ୍ ସଂସ୍କାର ମାମଲା**

## ଜାମିନ ସତ୍ତ୍ୱେ ବିଚାରାଧୀନ ବନ୍ଦୀ ମୁକୁଳି ନ ପାରିବା ପ୍ରସଙ୍ଗରେ ରିପୋର୍ଟ ତଲବ

**କଟକ, ୫ ।୪ (ସମିସ):** ଜେଲ ସଂସ୍କାର ପ୍ରସଙ୍ଗରେ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଆସୁଛନ୍ତି । ବିଶେଷକରି ଜେଲଗୁଡ଼ିକରେ ଧାର୍ଯ୍ୟ କ୍ଷମତାଠାରୁ ଅଧିକ ସଂଖ୍ୟାରେ କଏଦୀ ରହୁଥିବା ନେଇ ଆମିକସକ୍ୟୁରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା । ଜାମିନ ମିଳିବା ସତ୍ତ୍ୱେ ଜାମିନ ବଣ୍ଡ ପ୍ରଦାନରେ ଅବହେଳା କାରଣରୁ ବହୁ ବିଚାରାଧୀନ ବନ୍ଦୀ ଜେଲରୁ ମୁକୁଳି ପାରୁନଥିବା କୁହାଯାଇଥିଲା । ହାଇକୋର୍ଟ ଏହି ପ୍ରସଙ୍ଗରେ ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କୁ ରିପୋର୍ଟ ତଲବ କରିଛନ୍ତି । ଅଦ୍ୟାବଧି କେତେ ମାମଲାରେ କେତେଜଣ ବିଚାରାଧୀନ ବନ୍ଦୀଙ୍କୁ ଜାମିନ ମିଳିଥିବା ସତ୍ତ୍ୱେ କେଉଁ କାରଣରୁ ମୁକୁଳି ପାରିନାହାନ୍ତି, ସେ ସମ୍ପର୍କରେ ତଥ୍ୟ ପ୍ରଦାନ ପାଇଁ ହାଇକୋର୍ଟ କହିଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି ।

ବିଭିନ୍ନ ଜେଲ ପରିଦର୍ଶନ କରି ସମ୍ପୃକ୍ତ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବମାନେ ପ୍ରଦାନ କରିଥିବା ରିପୋର୍ଟ ଅନୁସାରେ ଗତ ଡିସେମ୍ବର ସୁଦ୍ଧା ମୋଟ ୧୫୫ ବିଚାରାଧୀନ ବନ୍ଦୀଙ୍କୁ ଜାମିନ ମିଳିଥିବା ବେଳେ ୧୨୨ଜଣ ଜେଲରୁ ମୁକୁଳିଛନ୍ତି । ବାକି ୩୩ ଜଣ ଜାମିନ ବଣ୍ଡ ମିଳି ନଥିବା ଓ ଅନ୍ୟାନ୍ୟ କାରଣରୁ ମୁକୁଳି ପାରିନଥିବା ନେଇ ହାଇକୋର୍ଟଙ୍କୁ ରାଜ୍ୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଅବଗତ କରାଯାଇଥିଲା । ଜେଲରେ ଅନ୍ତେବାସୀଙ୍କୁ ଶ୍ରମ ଅନୁସାରେ ପୃଷ୍ଟିକର ଖାଦ୍ୟ ଯୋଗାଣ କରାଯିବା ପାଇଁ ପଦକ୍ଷେପ ନିଆଯାଉଛି ଓ ଲେବରିଂ ଡାଏଟ ଲାଗୁ ହେଲେ ଶ୍ରମ କାର୍ଯ୍ୟ କରୁଥିବା ଅନ୍ତେବାସୀଙ୍କୁ ଅଧିକ ପୃଷ୍ଟିକର ଖାଦ୍ୟ ଦିଆଯିବ ବୋଲି ପୂର୍ବରୁ ସରକାର ସତ୍ୟପାଠ ଦେଇଥିଲେ । ବିଭିନ୍ନ ଜେଲ ପ୍ରକଳ୍ପଗୁଡ଼ିକ ୩୬ ମାସ ମଧ୍ୟରେ ସରିବ ବୋଲି କୁହାଯାଇଥିଲା । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଏପ୍ରିଲ୧୨କୁ ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି ।

## ରାଜ୍ୟସ୍ତରୀୟ ନାଟ୍ୟୋତ୍ସବରେ ସଂକ୍ରାନ୍ତି ସାଂସ୍କୃତିକ ପରିଷଦ

**କଟକ, ୫।୪(ସମିସ):** କୋରାପୁଟର ଦାମନଯୋଡ଼ି ଠାରେ ହେଉଥିବା ରାଜ୍ୟସ୍ତରୀୟ ପଞ୍ଚପଟ୍ଟମାଳି ନାଟ୍ୟୋତ୍ସବରେ ଯୋଗଦେବା ଲାଗି ଦରଘାବଜାର ସ୍ଥିତ ସଂକ୍ରାନ୍ତି ସାଂସ୍କୃତିକ ପରିଷଦ ଯାତ୍ରା କରିଛି । ସେଠାରେ ପରିଷଦ ପକ୍ଷରୁ ନାଟକ 'କ୍ଷତାକ୍ତ ଅପରାହ୍ନ' ଶନିବାର ସନ୍ଧ୍ୟାରେ ମଞ୍ଚସ୍ଥ କରାଯିବ । ପରିଷଦର ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ନାଟକର ନିର୍ଦ୍ଦେଶକ ହେମନ୍ତ ଦାଶଙ୍କ ନେତୃତ୍ୱରେ ପରିଷଦର କଳାକାରମାନେ କୋରାପୁଟ ଯାତ୍ରା କରିଛନ୍ତି । ଏହି ନାଟକରେ ଆଲୋକ ନାୟକ, ବିଶ୍ୱଭୂଷଣ ମହାନ୍ତି, ଚିତ୍ତରଞ୍ଜନ ପାତ୍ର, ଚନ୍ଦନ ସାହୁ, ମାନସୀ ପାତ୍ର, ସୁଭଦ୍ରା ମହାରଣା, ସନ୍ତୋଷ ପାତ୍ର, ସୁଧାଂଶୁ ମହାପାତ୍ର, ସୌମ୍ୟାଶ୍ରୀ ଦାଶ ଏବଂ ନକୁଳ ଓଝା ପ୍ରମୁଖ ଅଭିନୟ କରିବେ ବୋଲି ସଭାପତି ପ୍ରଣବ କର ସୂଚନା ଦେଇଛନ୍ତି । ଡ. ବିଧୁଭୂଷଣ ପଣ୍ଡାଙ୍କ ରଚିତ ଏହି ନାଟକରେ ସଙ୍ଗୀତ ଦେଇଛନ୍ତି ବିନୟ ଦାଶ । ପରିଷଦର ସଭ୍ୟ ଅଶୋକ ଦଳାଇ ଏବଂ ମମତା ବେହେରା ନାଟକ ପରିଚାଳନା କରୁଛନ୍ତି ।

## ହରିଶ୍ଚନ୍ଦ୍ର ଯୋଜନା ଅର୍ଥ ଅନିୟମିତତା ଅଭିଯୋଗ

# ନରସିଂହପୁର ବ୍ଲକ୍‌ର ପୂର୍ବତନ ପିଇଓଙ୍କୁ ୨ ବର୍ଷ ଜେଲ୍

**କଟକ, ୫ ।୪(ସମିସ):** ହରିଶ୍ଚନ୍ଦ୍ର ସହାୟତା ଯୋଜନା ଅର୍ଥ ଅନିୟମିତତା ଅଭିଯୋଗରେ ନରସିଂହପୁର ବ୍ଲକର ପୂର୍ବତନ ପିଇଓ ଭାରତ ଭୂଷଣ ମିଶ୍ର(୩୪)ଙ୍କୁ ୨ ବର୍ଷ ସଶ୍ରମ ଜେଲ ଓ ୫ ହଜାର ଟଙ୍କା ଜରିମାନା ଦଣ୍ଡ ପ୍ରଦାନ କରିଛନ୍ତି କଟକ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତଥା ସହକାରୀ ଦୌରା ଜଜ୍ । ଅଦାଲତ ଆଇପିସିର ଦଫା ୪୦୯ରେ ଶ୍ରୀ ମିଶ୍ରଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଜରିମାନା ଅନାଦେୟ ଦୋଷୀକୁ ୩ ମାସ ଅଧିକ ଜେଲ ଦଣ୍ଡ ଭୋଗ କରିବାକୁ ପଡ଼ିବ । ପ୍ରକାଶ ଯେ, ଉପରୋକ୍ତ ଅର୍ଥ ହେରଫେର ଘଟଣାରେ କଟକ ଜିଲ୍ଲା ପଞ୍ଚାୟତ ଅଧିକାରୀ ରଜନୀକାନ୍ତ ସାହୁ ଲାଲବାଗ ଥାନାରେ ୨୦୧୬, ଜୁଲାଇ ୨୧ରେ ଏତଲା ଦେଇଥିଲେ । ନରସିଂହପୁର ବ୍ଲକର ତତ୍କାଳୀନ ପିଇଓ ଶ୍ରୀ ମିଶ୍ର ଡେପୁଟେସନରେ ଆସି କଟକ କଲେକ୍ଟୋରେଟର ଗ୍ରାମ ପଞ୍ଚାୟତ ସେକ୍ସନରେ କାର୍ଯ୍ୟ କରୁଥିଲେ । ସେ ହରିଶ୍ଚନ୍ଦ୍ର ସହାୟତା ଯୋଜନା ସଂକ୍ରାନ୍ତୀୟ ଦାୟିତ୍ୱରେ ଥିଲେ । ୮ଟି ଗ୍ରାମ ପଞ୍ଚାୟତର ବ୍ୟାଙ୍କ ଜମା ଖାତା ବଦଳରେ ନିଜ ସମ୍ପର୍କୀୟଙ୍କ ବ୍ୟାଙ୍କ ଖାତା ନମ୍ବର ଦେଇ ଏହି ଯୋଜନା ବାବଦ ଅର୍ଥ ଉଠାଇଥିବା ଏତଲାରେ ଦର୍ଶାଯାଇଥିଲା । ଲାଲବାଗ ଥାନା ପୁଲିସ ୨୦୧୬, ଜୁଲାଇ ୨୨ରେ ଏତଲା ପଞ୍ଜୀକରଣ କରିଥିଲା । ୨୦୧୭, ଜାନୁଆରୀ ୧୪ରେ ପୁଲିସ ଘଟଣାର ତଦନ୍ତ କରି ଶ୍ରୀ ମିଶ୍ରଙ୍କ ବିରୋଧରେ ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲା । ସରକାରଙ୍କ ତରଫରୁ ଏପିପି ମଧୁସ୍ମିତା ମହାନ୍ତି ଓ ଏମ.ପାଢ଼ୀ ମାମଲା ପରିଚଳନା କରୁଥିଲେ ।

## ୯ ନଂ ୱାର୍ଡରେ ବୁଥ୍‌ସ୍ତରୀୟ ସାଂଗଠନିକ ପ୍ରସ୍ତୁତି ବୈଠକ



**କଟକ, ୫।୪(ସମିସ):** ସନ୍ଧ୍ୟାରେ ୱାର୍ଡ ନଂ ୯ ବୁଥସ୍ତରୀୟ ସାଂଗଠନିକ ପ୍ରସ୍ତୁତି ବୈଠକ ବିଧାୟକଙ୍କ ଆବାସିକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଧାୟକ ମହମ୍ମଦ ମୋକିମ ଯୋଗଦେଇ ୱାର୍ଡ ଅଞ୍ଚଳରେ କିପରି ସଂଗଠନକୁ ଆହୁରି ସୁଦୃଢ କରାଯିବ ସେ ନେଇ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ । ଆଗାମୀ ଦିନରେ ୱାର୍ଡ ଅଞ୍ଚଳରେ ଏକ କର୍ମୀ ସମ୍ମିଳନୀ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜନ ଆଶୁତୋଷ ଦାସ, ଅମରେନ୍ଦ୍ର ପରିଡ଼ା, କୁନା ପୁଲାର, ସଞ୍ଜୟ ସେନାପତି, ମୁନି ସାହୁ, ସୌରଭ ଦାସ, ସୌମ୍ୟ ପଟ୍ଟନାୟକ, ସୁରଜିତ ସାହୁ, ଜନ ଶୁବାଶିଷ ଦାସ, ପ୍ରଦୀପ ଦାସ, ସଚିନ ନାୟକ, ପ୍ରମୋଦ ବେହେରା, ଗୀତା ନାୟକ, ରାଜେନ୍ଦ୍ର ଦାସ, ସଞ୍ଜୀବ ମହାନ୍ତି, ମାନସ ରଞ୍ଜନ ଦାସ, ଆନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଶ୍ୱ ସୁସ୍ଥ ଦନ୍ତ ଦିବସ

**କଟକ, ୫।୪(ସମିସ):** ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ସମ୍ ହସ୍ପିଟାଲ ଆନୁକୂଲ୍ୟରେ ବିଶ୍ୱ ସୁସ୍ଥ ଦନ୍ତ ଦିବସ ପାଳନ କରାଯାଇଛି । ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ନାରାୟଣ ପ୍ରସାଦ ଷଡଙ୍ଗୀଙ୍କ ସଭାପତିତ୍ୱରେ ଦନ୍ତ ସଚେତନତା ବିଷୟରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ପ୍ରଫେସର ଡା. ସୁଶାନ୍ତ ମହାନ୍ତି, ଡା. କାଲିମି ରେଡ୍ଡୀ, ଏଲ୍ ପ୍ରିୟଙ୍କା, ଡା. ଦୀପମାଳା ସାହୁଙ୍କ ସହ ୧୨ଜଣ ଡାକ୍ତର ଉପସ୍ଥିତ ଥିଲେ । ବିଦ୍ୟାଳୟର ପ୍ରାୟ ୨୦୦ଜଣ ଶିଶୁ ଭାଇଭଉଣୀଙ୍କର ଦନ୍ତ ପରୀକ୍ଷା କରାଯାଇ ଔଷଧ ବିତରଣ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ଆଚାର୍ଯ୍ୟ ଅଜୟ କୁମାର ଜଟ ଧନ୍ୟବାଦ ଅର୍ପଣ କରିଥିଲେ ।



## ଧବଳେଶ୍ୱର ପୀଠରେ ଲଉଡ଼ି ମହୋତ୍ସବ



**ଚୌଦ୍ୱାର, ୫।୪(ସମିସ):** ଶ୍ରୀଶ୍ରୀ ଧବଳେଶ୍ୱର ମହାଦେବଙ୍କ ପୀଠରେ ଲଉଡ଼ି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଆଠଗଡ଼ ଯାଦବ ମହାସଂଘ ସଭାପତି ସନ୍ତୋଷ କୁମାର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ହିନ୍ଦ୍ ମଜଦୁର ସଭା ଓଡ଼ିଶା ଶାଖା ଯୁବ ସଭାପତି ଆଦିତ୍ୟ ପ୍ରତାପ ସ୍ୱାଇଁ, ଧବଳେଶ୍ୱର ପୂଜକ ସମିତି ସଭାପତି ବିଷ୍ଣୁ ଚରଣ ପତ୍ରୀ, ନଦୀକୂଳ ଯାଦବ ମହାସଂଘ ମୁରବୀ ଗନ୍ଧର୍ବ ଦାସ, ରବୀନ୍ଦ୍ର ବେହେରା, କୁଳମଣି ପତ୍ରୀ, ଅନ୍ତର୍ଯ୍ୟାମୀ ବେହେରା, ଲକ୍ଷ୍ମୀପ୍ରିୟା ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ନଦୀକୁଳ ଯାଦବ ଲଉଡ଼ି ସଂଘ, କାଇପୁଡ଼ିଆ, ବାଉଳପଦା, ଧୁରୁଷିଆ, କେଉଟପଡ଼ା, ଦ୍ୱାରାବତୀପୁର, ମହାଳପଡ଼ା, କନ୍ଦରପୁର, ବିଦ୍ୟାଧରପୁର, ରାଧେଶ୍ୟାମପୁର ଓ ଘଣ୍ଟେଶ୍ୱର ଲଉଡ଼ି ସଂଘ ତରଫରୁ ଚିତାକର୍ଷକ ଲଉଡ଼ିଖେଳ ପ୍ରଦର୍ଶନ କରାଯାଇଥିଲା । ଅଶୋକ ବେହେରା, ବାଉରିବନ୍ଧୁ ଦାସ, ରାଧାକାନ୍ତ ବେହେରା, କୃଷ୍ଣଚନ୍ଦ୍ର ବେହେରା, ସାଲୁ ବେହେରା, ପ୍ରତାପ ବେହେରା, ଅଭିମନ୍ୟୁ ବେହେରା, ସନାତନ ଦାସ, ବସନ୍ତ ଦାସ, ବଂଶୀଧର କାଳିଆ, ବିକଳ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



# ବାସି ଖାଦ୍ୟ ବିକ୍ରି ଉପରେ ତୀକ୍ଷ୍ଣ ନଜର

- ସିଏମ୍‌ସି ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ଉ ଜାରି
- ଫିଙ୍ଗାଗଲା ୩୦ କେଜି ଚାଓମିନ୍, ୧୫ କେଜି ଦହି

**କଟକ, ୫।୪(ସମିସ):** ଲସି ଓ ସର୍ବତ ଦୋକାନରେ ଲୋକଙ୍କ ଭିଡ଼ ଜମୁଛି । ଖରାଦିନ ପାଇଁ ବେପାର ବି ଏବେ ଆକାଶଛୁଆଁ । ଏହାର ଫାଇଦା ନେଇ ଅନେକ ବେପାରୀ ବାସି ଖାଦ୍ୟ ବିକ୍ରି କରୁଛନ୍ତି । ଜନସାଧାରଣଙ୍କଠାରୁ ବାରମ୍ବାର ଏଭଳି ଅଭିଯୋଗ ପାଇ କଟକ ମହାନଗର ନିଗମ ଦୋକାନୀମାନଙ୍କ ଉପରେ କଡା ନଜର ରଖିଛି । ନିଗମର ଖାଦ୍ୟ ସୁରକ୍ଷା ବିଭାଗ ପ୍ରତ୍ୟେକ ଦିନ ବିଭିନ୍ନ ଦୋକାନରେ ଚଢ଼ଉ କରୁଛି । କଲେଜଛକ, ପିଲିଗ୍ରୀମ ରୋଡ, ଷ୍ଟେସନ ରୋଡ ଏବଂ ସିଡିଏ ମାର୍କେଟ କମ୍ପ୍ଲେକ୍ସରେ ଥିବା ଅନେକ ଦୋକାନରେ ଚଢ଼ଉ ହୋଇଥିଲା । ବିଭିନ୍ନ ଲସି ଓ ସର୍ବତ ଦୋକାନରେ ୧୫ କେଜି ବାସି ଦହି ଜବତ କରି ନଷ୍ଟ କରାଯାଇଛି । ଏହାଛଡ଼ା ଏହି ଦୋକାନ ଗୁଡିକରେ ବରଫ ଅପରିଷ୍କାର ଜାଗାରେ ରଖାଯାଉଥିବା ଦେଖିବାକୁ ମିଳିଥିଲା । ଖାଦ୍ୟ ସୁରକ୍ଷା ବିଭାଗ ଏଗୁଡିକ ମଧ ନଷ୍ଟ କରିଥିଲା । ସେହିପରି ଫାଷ୍ଟଫୁଡ୍ ଦୋକାନରେ ମଧ ଯାଞ୍ଚ ହୋଇଥିଲା । ପ୍ରାୟ ୩୦ କେଜି ବାସି ଚାଓମିନ ଖାଦ୍ୟ ସୁରକ୍ଷା ବିଭାଗ ହାତରେ ପଡ଼ିଥିଲା । ଦୋକାନୀମାନଙ୍କ ଠାରୁ ୫ହଜାର ୫ଶହ ଟଙ୍କା ଜରିମାନା ଆଦାୟ ହୋଇଥିଲା । ନିଗମର ସ୍ୱାସ୍ଥ୍ୟାଧିକାରୀ ଡାକ୍ତର ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ହୋଇଥିବା ଚଢ଼ଉରେ ଖାଦ୍ୟ ସୁରକ୍ଷା ଅଧିକାରୀ ରଶ୍ମିତା ବେହେରା ଓ ମିଥୁନ୍ ସାହା ସାମିଲ ହୋଇଥିଲେ ।







## ପ୍ରଶାନ୍ତଙ୍କୁ ଟିକେଟ ପରେ ଟାଙ୍ଗୀ ବିଜେଡିରେ ଉତ୍ସାହ

**ଟାଙ୍ଗୀ,୫।୪(ସମିସ):** କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ର ଅଧୀନସ୍ଥ ସାଲେପୁର ବିଧାନସଭା ଆସନକୁ କେନ୍ଦ୍ରକରି ଲାଗି ରହିଥିବା ସବୁ କଳ୍ପନାଜଳ୍ପନାର ଶୁକ୍ରବାର ଅନ୍ତ ଘଟିଛି। ସାଲେପୁର ଆସନରେ ବିଧାୟକ ପ୍ରଶାନ୍ତ ବେହେରାଙ୍କ ନାମ ଘୋଷଣା ପରେ ଟାଙ୍ଗୀ ଅଞ୍ଚଳର ୧୩ଟି ପଞ୍ଚାୟତ ବିଜେଡି କର୍ମୀଙ୍କ ମଧରେ ଅଫୁରନ୍ତ ଉତ୍ସାହ ଦେଖିବାକୁ ମିଳିଛି। ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ଜୟଶ୍ରୀ ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନାକ୍ଷୀ ଦାସ, ବ୍ଲକ ବିଜେଡ଼ି ସଭାପତି ଧିରେନ୍ଦ୍ର କୁମାର ଯେଠୀ, ସଂଗଠକ କୃଷ୍ଣଚନ୍ଦ୍ର ଦାସ, ନରେନ୍ଦ୍ର ରାଉତରାୟ, ଜନ୍ମେଜୟ ଖିଲାର, ଆମା ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ ଓ ପ୍ରାକ୍ତନ ସରପଞ୍ଚ ସୁବୋଧ କୁମାର ସାମଲ ପ୍ରମୁଖ ୧୩ଟି ପଞ୍ଚାୟତର ବହୁ ସରପଞ୍ଚ, ସମିତି ସଭ୍ୟ ଓ ବିଜେଡି ସଭାପତି ଶ୍ରୀ ବେହେରାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ପ୍ରାଣୀବିଜ୍ଞାନ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ପରିଭ୍ରମଣ



**ବାଙ୍କୀ,୫।୪(ସମିସ):** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନର ଛାତ୍ରଛାତ୍ରୀମାନେ ଏକ ଶୈକ୍ଷିକ ଭ୍ରମଣରେ ନନ୍ଦନକାନନ ଓ ରଜ୍ୟ ଉଦ୍ଭିଦ ବିଜ୍ଞାନ ଉଦ୍ୟାନକୁ ଯାଇ ବିଭିନ୍ନ ପ୍ରାଣୀମାନଙ୍କ ଉପରେ ତଥ୍ୟ ସଂଗ୍ରହ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନେ ନନ୍ଦନକାନନରେ ଥିବା ବିଭିନ୍ନ ଜୀବଜନ୍ତୁ ଯଥା ପଶୁ, ପକ୍ଷୀ, ସରିସୃପଙ୍କର ଜୀବନୀ ଓ ଆ.ର ବ୍ୟବାହାର ଉପରେ ତଥ୍ୟ ସଂଗ୍ରହ କରିବା ସହିତ ଶିକ୍ଷାଗ୍ରହଣ କରିଥିଲେ। ପରେ ରାଜ୍ୟ ଉଦ୍ଭିଦ ବିଜ୍ଞାନ ଉଦ୍ୟାନ ପରିସରକୁ ଯାଇ ସେଠାରେ ଥିବା ପ୍ରଜାପତିମାନଙ୍କ ଉପରେ ତଥ୍ୟ ସଂଗ୍ରହ କରିଥିଲେ। ଏହା ଉପରେ ଏକ ଗବେଷଣାମୂଳକ ନିବନ୍ଧ ପ୍ରକାଶ କରାଯିବ ବୋଲି ପ୍ରାଧ୍ୟାପକ ମହାପାତ୍ର କହିଛନ୍ତି।

## ବିଜେଡି ଲୋକସଭା ପ୍ରାର୍ଥୀ ସନ୍ତୃପ୍ତ ମିଶ୍ରଙ୍କ ବଡ଼ମ୍ବା ଗସ୍ତ





**ବଡ଼ମ୍ବା,୫।୪(ସମିସ):** କଟକ ଲୋକସଭା ଆସନ ନିମନ୍ତେ ବିଜେଡି ପ୍ରାର୍ଥୀ ହୋଇଥିବା ସନ୍ତୃପ୍ତ ମିଶ୍ର ଶୁକ୍ରବାର ବଡ଼ମ୍ବା ଗସ୍ତ କରିଥିଲେ। ବଡ଼ମ୍ବା ଅଭିମାନପୁରରେ ପହଞ୍ଚିବା ପରେ ବିଧାୟକ ପ୍ରାର୍ଥୀ ଦେବୀପ୍ରସାଦ ମିଶ୍ର ଓ ଶତାଧିକ ଦଳୀୟ କର୍ମକର୍ତ୍ତା ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିବା ସହ ଏକ ବିଶାଳ ବାଇକ୍ ରାଲିରେ ପାଛୋଟି ନେଇଥିଲେ। ପ୍ରଥମେ ମାଣିଆବନ୍ଧ ବାଲୁଙ୍କେଶ୍ୱର ଶିବ ମନ୍ଦିରରେ ଦର୍ଶନ କରିବା ପରେ ରୋଡ ସୋ'ରେ ଆସି ବଡ଼ମ୍ବା ଗାନ୍ଧୀ ଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତେଲି ସାହି ନିକଟ ମା' ବାଉତି ଠାକୁରାଣୀଙ୍କୁ ଦର୍ଶନ କରି ମୁଖ୍ୟରାସ୍ତା ଦେଇ ଅଧିଷ୍ଠାତ୍ରୀ ଦେବୀ ମା' ଭଟ୍ଟାରିକା ପୀଠରେ ପହଞ୍ଚି ମା'ଙ୍କୁ ଦର୍ଶନ କରି ପୀଠ ପରିସରରେ ଏକ ଦଳୀୟ ସଭା କାର୍ଯ୍ୟକ୍ରମ କରାଯାଇଥିଲା। ସେଠାରୁ ଆସି ଖରୋଡ ଗଡ ମା' ମହାକାଳୀଙ୍କ ପୀଠକୁ ଯାଇ ମା'ଙ୍କ କୃପା ଭିକ୍ଷା ଲାଭ କରିବା ପରେ ସେଠାରେ ମଧ ଏକ ସଭା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହିଳା ଗୋଷ୍ଠୀ ଯୁବ ଗୋଷ୍ଠୀ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ୨୯ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ଜୟଶ୍ରୀ ବରାଳ, ୩୦ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ୩୧ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ନୟନା ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ବିରୂପା ସେତୁର ରକ୍ଷଣାବେକ୍ଷଣ ନାହିଁ

● ଗମନାଗମନରେ ଅସୁବିଧା, ପୂର୍ତ୍ତବିଭାଗ ନିରବଦ୍ରଷ୍ଟା ● ସେତୁରେ ବାଲି ଓ ଗୋଡ଼ି ଭର୍ତ୍ତି, ଉଠିଲାଣି ଗଛଲତା

**ମାହାଙ୍ଗା,୫।୪(ସମିସ)**





ମାହାଙ୍ଗା ପୂର୍ତ୍ତ ବିଭାଗ ଅଧୀନ ସାଲେପୁର-ଛତିଆ ରାସ୍ତାରେ ବିରୂପା ନଦୀର ବିରୂପା ସେତୁ ଉପରେ ବାଲିଗୋଡ଼ି ଭର୍ତ୍ତି ହେବା ସହ ରାସ୍ତାର ଉଭୟ ପାଶ୍ୱର୍ରେ ଗଛଲତା ରାସ୍ତା ଉପରକୁ ମାଡ଼ି ଆସିଥିବା ଦେଖିବାକୁ ମିଳିଛି। ଯାହାଫଳରେ ଏହା ଯାତ୍ରୀଙ୍କ ସୁଗମ ଚଳାଚଳରେ ବିପଦ ସୃଷ୍ଟି କରିଛି। ଏପରିକି ଦୈନନ୍ଦିନ ଚଳାଚଳରେ ଯାତ୍ରୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଉପରେ ଥିବା ଗୁରୁତ୍ୱପୂର୍ଣ୍ଣ ସେତୁର ରକ୍ଷଣାବେକ୍ଷଣ ହେଉ ନଥିବା, ସେତୁକୁ ଦେଖିଲେ ଜଣାପଡୁଛି। ପୂର୍ତ୍ତ ବିଭାଗ ଅଧିକାରୀ ଏହାକୁ ଅବହେଳା କରୁଥିବା ଅଭିଯୋଗ ହେଉଛି।

ପ୍ରକାଶ ଯେ, ମାହାଙ୍ଗା ପୂର୍ତ୍ତ ବିଭାଗ ଅଧୀନ ସାଲେପୁର-ଛତିଆ ରାସ୍ତାକୁ ସଂଯୋଗ କରୁଥିବା ବିରୂପା ସେତୁ ଉପରେ ଦୈନନ୍ଦିନ ଶହ ଶହ ହାଇୱା ଟ୍ରକ, ଟ୍ରାକ୍ଟର, ୧୦ ଚକିଆ, ୧୨ ଚକିଆ ଆଦି ଯାନଗୁଡିକରେ ବାଲି ଓ ଗୋଡି ରାସ୍ତା ଉପରେ ବିଛାଡ଼ି ହୋଇ ପଡୁଛି। ଦୀର୍ଘଦିନ ହେବ ସେତୁ ଉପର ସଫେଇ ନ ହେବା ହେତୁ ସେତୁର ଉଭୟ ପାଶ୍ୱର୍ ରାସ୍ତାର ବାଲି ଓ ଗୋଡି ଆସ୍ତରଣ ଜମି ରହିଛି। ଯାହା ଫଳରେ ଏହି ସେତୁ ଦେଇ ଯାଉଥିବା ଜନସାଧାରଣଙ୍କଠାରୁ ଆରମ୍ଭ କରି କଲେଜ ଓ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯାତାୟତ ସମୟରେ ଛୋଟବଡ଼ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହି ସେତୁ ଉପରେ ବାଲି ଜମି ରହିବା ଦ୍ୱାରା ବର୍ଷା ହେଲେ ପାଣି ଜମି ରହିଥାଏ। ଯାହାଫଳରେ ସେତୁ ଉପରେ ଛୋଟ ଛୋଟ ଗର୍ତ୍ତ ମଧ ହେବାର ଦେଖିବାକୁ ମିଳିଛି। ଏଥିସହ ସେତୁର ଆପ୍ରୋଚ ରୋଡର ଉଭୟ ପାଶ୍ୱର୍ରେ ଲତା ସହ ରାସ୍ତା ଉପରେ ୩ ଫୁଟରୁ ଅଧିକ ଓସାରର ଅଳିଆ ଆବର୍ଜନା ଜମି ରହିଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଥିବାର ନଜିର ରହିଛି। ତେଣୁ ସେତୁର ଏଭଳି ଅବସ୍ଥାକୁ ନେଇ ଜନସାଧାରଣ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ସେତୁଟି ନିର୍ମାଣ ହୋଇଥିଲା ଜନସାଧାରଣଙ୍କ ଗମନାଗମନ ସୁବିଧା ପାଇଁ କିନ୍ତୁ ବାଲି ମାଫିଆମାନେ ଅଧିକ ମାଲା ମାଲ ହେଉଛନ୍ତି। ଏହି ଦୃଷ୍ଟିରୁ ପୂର୍ତ୍ତ ବିଭାଗ ଏହାର ରକ୍ଷଣାବେକ୍ଷଣ ଦିଗରେ ନିୟମିତ ନଜର ରଖିବା କଥା, କିନ୍ତୁ ସେଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ତୁରନ୍ତ ସେତୁରେ ଜମି ରହିଥିବା ବାଲି ଓ ମାଡି ବସିଥିବା ବନଲତାକୁ ସଫେଇ କରିବା ସହ ଅନେକ ସ୍ଥାନରେ ଥିବା ଗର୍ତ୍ତଗୁଡିକ ମରାମତି ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି। ବିଶେଷକରି ବାଲିବୋଝେଇ ଗାଡିଗୁଡିକ ପାଲ ଘୋଡାଇ ନେବା ସହ ଏହି ସେତୁ ଦେଇ ଯାଉଥିବା ଗାଡିଗୁଡିକ ଉପରେ ଅଙ୍କୁଶ ଲଗାଇବାର ନିମନ୍ତେ ସାଧାରଣରେ ଦାବି ହୋଇଛି। ସୂଚନା ଥାଉକି, ଛତିଆ-ସାଲେପୁର ପୂର୍ତ୍ତ ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ଚାଲୁ ରହିଥିବାବେଳେ ଠିକାଦାରଙ୍କ ପାଇଁ ରାସ୍ତା ଉପରେ ମାଟି ଜମି ରହିଥିବାରୁ ବର୍ଷା ହେଲେ ପାଣି ଜମି ରହି ଦୁର୍ଘଟଣା ମାନ ଘଟୁଛି। ବିଭାଗୀୟ ଉଚ୍ଚ ଅଧିକାରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେଇ ସମସ୍ୟାର ସମାଧାନ ନିମନ୍ତେ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ବିଜେଡିରେ ମିଶିଲେ ଆଠଗଡ଼ ବ୍ଲକ୍ ୩ ନଂ ଜୋନ୍ ବିଜେପି ଜିଲ୍ଲା ପରିଷଦ ପ୍ରାର୍ଥୀ




**ଖୁଣ୍ଟୁଣୀ,୫।୪(ସମିସ):** ଚଳିତ ସାଧାରଣ ନିର୍ବାଚନ ପାଇଁ ସାରା ରାଜ୍ୟରେ ବିଜ୍ଞପ୍ତି ଜାରି ହୋଇସାରିବା ପରେ ମିଶ୍ରଣ ପର୍ବ ଜୋରଦାର ହୋଇଛି। ଆଠଗଡ ବିଧାୟକ ତଥା ବରିଷ୍ଠ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନେତୃତ୍ୱ ଓ ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଉପରେ ଆସ୍ଥା ପ୍ରକଟ କରି ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା ଏଥିରେ ଗତ ପଞ୍ଚାୟତ ନିର୍ବାଚନରେ ବିଜେପିର ତିନି ନମ୍ବର ଜିଲ୍ଲା ପରିଷଦ ପ୍ରାର୍ଥୀ ହୋଇଥିବା ତଥା ଘାଣ୍ଟିଖାଲ ମଣ୍ଡଳର ପୂର୍ବତନ ସଭାପତି ରଞ୍ଜନ ସେନାପତି, ବିନୋଦ କୁମାର ବେଉରା, ବିରଞ୍ଚି ବେହେରା, ତପନ ବସ୍ତିଆ, ସନ୍ତୋଷ ସ୍ୱାଇଁ, ରଞ୍ଜିତ କୁମାର ବାରିକ, ଦୀନବନ୍ଧୁ ପ୍ରଧାନଙ୍କ ସହିତ ଶତାଧିକ କାର୍ଯ୍ୟକର୍ତ୍ତା ଆଜି ବିଜେପି ଦଳ ପରିତ୍ୟାଗ କରି ବିଧିବଦ୍ଧ ଭାବରେ ବିଜୁ ଜନତା ଦଳରେ ଯୋଗଦାନ କରିଛନ୍ତି। ଏହି ମିଶ୍ରଣ ପର୍ବରେ ପୂର୍ବତନ ଆଠଗଡ ବ୍ଲକ ଅଧ୍ୟକ୍ଷ ରଞ୍ଜନ କୁମାର ଆଚାର୍ଯ୍ୟ, ତିନ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ଖୁଣ୍ଟୁଣୀ ସରପଞ୍ଚ କୈଳାଶ ଦାସ, ସମିତିସଭ୍ୟ ଗଗନ ପରିଡା, ଘଣ୍ଟିଖାଲ ସରପଞ୍ଚଙ୍କ ପ୍ରତିନିଧି ସୁବାସ ବିଶ୍ୱାଳ, ଖୁଣ୍ଟୁଣୀ ବିଜୁ ଜନତା ଦଳ ସଭାପତି ବିପିନି ବିହାରୀ ପ୍ରଧାନ ସମସ୍ତେ ଉପସ୍ଥିତ ରହି ଅନ୍ୟ ଦଳରୁ ଆସିଥିବା କର୍ମକର୍ତ୍ତାଙ୍କୁ ସ୍ୱାଗତ କରିବା ସହ ବିଜୁ ଜନତା ଦଳରେ ସାମିଲ କରାଇଥିଲେ।

## ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



**ବାଙ୍କୀ,୫।୪(ସମିସ):** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଆନୁକୂଲ୍ୟରେ ଏବଂ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ସହାୟତାରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର କଲେଜ ଦୃଶ୍ୟ ଶ୍ରାବ ଗୃହ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଶିବିରର ସଂଯୋଜିକା ଅଧ୍ୟାପିକା ଜ୍ୟୋତିର୍ମୟୀ ପାଢୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଉଦ୍‌ଘାଟନ କରି ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ଭଲଭାବେ ଶିକ୍ଷା ଲାଭ କଲେ ନିଜକୁ ସୁରକ୍ଷା ଦେବା ସହିତ ଅନ୍ୟମାନଙ୍କୁ ସୁରକ୍ଷା ଦେଇପାରିବେ ବୋଲି କହିଥିଲେ। ଏହି ଶିବିରରେ +୨ ଅଧ୍ୟକ୍ଷ ପ୍ରାଧ୍ୟାପକ ସମୀର କୁମାର ମହାପାତ୍ର ସଭାପତିତ୍ୱ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟକ୍ଷ ଡକ୍ଟର ନିରଞ୍ଜନ ମହାନ୍ତି ଯୋଗଦାନ କରି ଶିବିରର ସଫଳତା କାମନା କରିବା ସହ ଛାତ୍ରୀମାନେ ଭଲଭାବେ ପ୍ରଶିକ୍ଷଣ ନେବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ନିରଞ୍ଜନ ରାଉତରାୟ, ପିଜି ସଂଯୋଜକ ଡକ୍ଟର ଶଶିଭୂଷଣ ମହାପାତ୍ର, ଡକ୍ଟର ଶୈଳେନ୍ଦ୍ର ଚନ୍ଦ୍ର ଦେଓ ପ୍ରମୁଖ ଯୋଗଦାନ କରି ଶିବିରର ସଫଳତା କାମନା କରିଥିଲେ। ଏହି ଶିବିରକୁ କ୍ରୀଡା ଅଧ୍ୟାପକ ରବି ନାରାୟଣ ପ୍ରଧାନ ଓ ଅଧ୍ୟାପିକା ରୋଜାଲିନ୍ ମହାନ୍ତି ପରିଚାଳନା କରିଥିଲେ। ପ୍ରଶିକ୍ଷିକା ଭାବେ ଏଲିନା ଦାଶ ଯୋଗଦାନ କରି ଛାତ୍ରୀଙ୍କୁ ବିଭିନ୍ନ ପ୍ରକାରର କୌଶଳ ଶିକ୍ଷା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ +୩ ପ୍ରଥମ ବର୍ଷର କଳା, ବିଜ୍ଞାନ ଓ ବାଣିଜ୍ୟର ଛାତ୍ରୀମାନେ ଯୋଗଦାନ କରିଥିଲେ। ଅଧ୍ୟାପିକା ସରସ୍ୱତୀ ଦେଉରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପିତାମାତାଙ୍କ ଅକାଳ ବିୟୋଗ
## ବେସାହାରା ହେଲେ ୭ ସନ୍ତାନ

**ନିଶ୍ଚିନ୍ତକୋଇଲି,୫।୪(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଜୟରାମପୁର ପଞ୍ଚାୟତ ରସୁଲପୁର ଗ୍ରାମର ସେକ୍ ଅବଦୁଲ ଖାଲିଦ୍ (୪୧)ଙ୍କ ହୃଦଘାତଜନିତ ମୃତ୍ୟୁ ହୋଇଥିବା ବେଳେ ଗତ ୮ ମାସ ତଳେ ତାଙ୍କର ୩୩ ବୟସ୍କା ପତ୍ନୀ ଆଫ୍ରିନ୍ ସୁଲତାନା ମଧ ରୋଗରେ ପଡ଼ି ଅକାଳ ବିୟୋଗ ଘଟିଥିଲା। ଏହି ଦମ୍ପତିଙ୍କର ୬ଟି କନ୍ୟା ଓ ଗୋଟିଏ ପୁତ୍ର ସନ୍ତାନ ଅଛନ୍ତି। ବାପା-ମା' ମରିଯିବା ପରେ ଏବେ ଏହି ୭ଟି ସନ୍ତାନ ବେସାହାରା ହୋଇ ପଡ଼ିଛନ୍ତି। ବଡ଼ ଝିଅକୁ ମାତ୍ର ୧୪ ବର୍ଷ ହୋଇଥିବା ବେଳେ ଅନ୍ୟ ଗୋଟିଏ ୬ ବର୍ଷର ଝିଅକୁ ତାଙ୍କର ଜଣେ ସମ୍ପର୍କୀୟଙ୍କ ନିକଟରେ ରହିଥିବା ଜଣାଯାଇଛି। ମୃତ ଖାଲିଦ୍ ଜଣେ ମୂଲିଆ ଶ୍ରେଣୀର ବ୍ୟକ୍ତି ହୋଇଥିବାରୁ ପ୍ରତିଦିନ ମୂଲପାତି ଲାଗି ତା'ର ପରିବାରକୁ ଭରଣପୋଷଣ କରି ଆସୁଥିଲେ। ବର୍ତ୍ତମାନ ଏହି ୬ ଜଣ ଅସହାୟଙ୍କୁ ପଡ଼ୋଶୀମାନେ ଖାଇବା ପିଇବାକୁ ଦେଉଛନ୍ତି। ଏଭଳି ସମ୍ବେଦନଶୀଳ ଘଟଣା ମାହାଙ୍ଗା ବିଧାୟକ ପ୍ରତାପ ଜେନା ଶୁଣିବା ପରେ ତାଙ୍କ ପକ୍ଷରୁ ଏହି ଅସହାୟଙ୍କୁ ସହାୟତା ଯୋଗାଇ ଦିଆଯାଇଛି। ବିଧାୟକଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝା ମୃତକଙ୍କ ଘରେ ପହଞ୍ଚି ବେସାହାରା ପିଲାମାନଙ୍କୁ ସାନ୍ତ୍ୱନା ଦେବା ସହିତ ଆର୍ଥିକ ସହାୟତା ଓ ଖାଦ୍ୟ ପଦାର୍ଥ ଯୋଗାଇ ଦେଇଛନ୍ତି। ଉପାଧ୍ୟକ୍ଷଙ୍କ ସହିତ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ।

ବିଧାୟକଙ୍କ ପକ୍ଷରୁ ସହାୟତା ପ୍ରଦାନ



## ବନ୍ଦ ହେଲା କେନାଲ ଗାର୍ଡ୍‌ୱାଲ ନିର୍ମାଣ



**ନିଶ୍ଚିନ୍ତକୋଇଲି,୫।୪(ସମିସ):** କେନ୍ଦୁପାଟଣା ଜଳସେଚନ ବିଭାଗ ଅଧୀନରେ ଥିବା ୮ଇ-୧ କେନାଲ ବନ୍ଧ ପାଶ୍ୱର୍ରେ ଚାଲିଥିବା ଗାର୍ଡ ୱାଲ ନିର୍ମାଣ କାର୍ଯ୍ୟକୁ ବନ୍ଦ କରାଯାଇଛି। ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଜଳସେଚନ ବିଭଗରୁ ଅନୁମତି ନ ନେଇ କେନାଲର ଶଯ୍ୟା ମଝିରେ ଏହି ଗାର୍ଡୱାଲ ନିର୍ମାଣ କରୁଥିଲା। ଯାହାଦ୍ୱାରା ଚାଷ ଜମି ଜଳସେଚିତ ହେବା ପାଇଁ ସମସ୍ୟା ଉପୁଜିବାକୁ ଆଶଙ୍କା ନେଇ ଚାଷୀମାନେ ଜଳସେଚନ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତି କରି ଜଳସେଚନ ନର୍ଥ ଡିଭିଜନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ସନ୍ଦୀପ କୁମାର, କେନ୍ଦୁପାଟଣା ଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଅକ୍ଷୟ କୁମାର ମଲିକ ଓ ଅଚ୍ୟୁତପୁର ସେକ୍ସନର କନିଷ୍ଠ ଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ଏହାର ବିଧିବଦ୍ଧ ତଦନ୍ତ କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୌଣସି ଅନୁମତି ନିଆ ନ ଯାଇ କେନାଲ ଶଯ୍ୟା ମଝିରେ ବେଆଇନ ଗାର୍ଡ ୱାଲ ନିର୍ମାଣ କାର୍ଯ୍ୟ କରାଯାଉଥିବାରୁ ଜଳସେଚନରେ ସମସ୍ୟା ହେବ ବୋଲି ଉପଲବ୍ଧି କରି ଏଭଳି ପଦକ୍ଷେପ ନେଇଛନ୍ତି। ଯେତିକି ଗାର୍ଡୱାଲ ନିର୍ମାଣ ହୋଇଛି ତା'ପରେ ଆଉ ନିର୍ମାଣ କାର୍ଯ୍ୟ ନ କରାଯିବାକୁ କେନ୍ଦୁପାଟଣା ଜଳସେଚନ ବିଭାଗ ନିର୍ବାହୀ ସହକାରୀ ଯନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଜଳସେଚନ ବିଭାଗର ମୁଖ୍ୟ ଯନ୍ତ୍ରୀ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟ ଯନ୍ତ୍ରୀ ନିକଟକୁ ପତ୍ର ଲେଖାଯାଇଛି। ତଦନ୍ତ ସମୟରେ ଜଳସେଚନ ବିଭାଗ ପକ୍ଷରୁ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଘଟଣାସ୍ଥଳକୁ ଆସିବା ପାଇଁ କୁହାଯାଇଥିଲେ ମଧ ସେ ନିଜେ ନ ଆସି କନିଷ୍ଠ ଯନ୍ତ୍ରୀ ଉର୍ମି ପ୍ରିୟଦର୍ଶିନୀଙ୍କୁ ପଠାଇଥିଲେ। କେବଳ ଏହି କେନାଲ ନୁହେଁ, ବିଗତ ଦିନରେ ଜଳସେଚନ ବିନା ଅନୁମତିରେ ଅନେକଗୁଡ଼ିଏ କେନାଲରେ ବନ୍ଧକୁ ସୁରକ୍ଷା କରି ରାସ୍ତା ଓସାରିଆ କରିବା ନିମନ୍ତେ କେନାଲ ମଝି ଶଯ୍ୟାରେ ଗାର୍ଡୱାଲ ନିର୍ମାଣ କରିଥିବାରୁ ଜଳସେଚନରେ ସମସ୍ୟା ଉପୁଜି ବହୁ ଚାଷଜମି ପଡ଼ିଆ ରହିଥିବା ମଧ ଦେଖାଯାଇଛି।

## ଶ୍ରୀରାମ ନବମୀ ଓ ଦାଣ୍ଡଯାତ୍ରା ପ୍ରସ୍ତୁତି ବୈଠକ
# ଆଇନଶୃଙ୍ଖଳା ଉପରେ ଗୁରୁତ୍ୱାରୋପ

**ନିଶ୍ଚିନ୍ତକୋଇଲି,୫।୪(ସମିସ)**




ନିଶ୍ଚିନ୍ତକୋଇଲି ବ୍ଲକ କେଣ୍ଟାଳ ପଞ୍ଚାୟତ ମଲ୍ଲୀପୁର ଗ୍ରାମରେ ଥିବା ଶ୍ରୀ ଶ୍ରୀ ରଘୁନାଥଜୀଉଙ୍କ ଅସୁରେଶ୍ୱର ଶ୍ରୀରାମ ନବମୀ ଯାତ୍ରା ଆସନ୍ତା ୧୭ ତାରିଖ ଓ ପ୍ରସିଦ୍ଧ ଦାଣ୍ଡଯାତ୍ରା ଆସନ୍ତା ୨୩ ତାରିଖ ଦିନ ଅନୁଷ୍ଠିତ ହେବ। ଏହି ଦୁଇ ଯାତ୍ରାରେ ରାଜ୍ୟର କୋଣ ଅନୁକୋଣରୁ ଲକ୍ଷାଧିକ ଭକ୍ତ ସମାଗମ ହେବାର କାର୍ଯ୍ୟକ୍ରମ ରହିଛି। ଏହି ଦୁଇ ଯାତ୍ରାକୁ ଶାନ୍ତିପୂର୍ଣ୍ଣ, ଶୃଙ୍ଖଳିତ ଓ ସଫଳ ରୂପାୟନ ପାଇଁ ପ୍ରଶାସନିକସ୍ତରରେ ଏକ ପ୍ରସ୍ତୁତି ବୈଠକ ଶ୍ରୀଜୀଉଙ୍କ ମନ୍ଦିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ତହସିଲଦାର ଅନିତା ନାୟକଙ୍କ ପୌରହିତ୍ୟରେ ଏଥିରେ ସାଲେପୁର ଉପଖଣ୍ଡ ଥାନା ଅଧିକାରୀ ନିହାର ରଞ୍ଜନ ପ୍ରଧାନ, କଟକ ଦେବୋତ୍ତର ବିଭାଗ ନିରୀକ୍ଷକ ପ୍ରଦିପ୍ତ କୁମାର ସାହୁ, ବିଡିଓ ବିରଞ୍ଚି ନାରାୟଣ ବେହେରା, ଆଇଆଇସି ଯୁଗଳ କିଶୋର ଦାସ, ପାନୀୟ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ଚିନ୍ମୟ ବେହେରା, ସ୍ମୃତିରଞ୍ଜନ ସାମନ୍ତରାୟ, ଡ. ସସ୍ମିତା ବେହେରା, ଡ଼ା. ରାଜଶ୍ରୀ ପ୍ରଧାନ, ଅଗ୍ନିଶମ ବିଭାଗର ଅଧିକାରୀ ମନୋଜ ମହାପାତ୍ର, ମନୋରଞ୍ଜନ ପଣ୍ଡା, ଗୁମାସ୍ତା ଅକ୍ଷୟ ଭୂୟାଁ ପ୍ରମୁଖ ଯୋଗଦେଇ ଏହି ଯାତ୍ରାରେ ସୁପରିଚାଳନା କାର୍ଯ୍ୟକ୍ରମ ସଂକ୍ରାନ୍ତରେ ବିଷଦ ଆଲୋଚନା କରିଥିଲେ। ମ୍ୟାନେଜିଂ ଟ୍ରଷ୍ଟି ପ୍ରକାଶ ଚନ୍ଦ୍ର ସାହୁ ପ୍ରଥମେ ଏହି ଯାତ୍ରାର ଆଭିମୁଖ୍ୟ ସଂକ୍ରାନ୍ତରେ ବିଷଦ ଆଲୋଚନା କରିଥିଲେ। ଯାତ୍ରା କମିଟିର ସମ୍ପାଦକ ପ୍ରଭାତ କୁମାର ରଥ ଯାତ୍ରାର ସମ୍ପୂର୍ଣ୍ଣ ବିବରଣୀ ପାଠ କରିଥିଲେ। ବିଶେଷ କରି ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ପର୍ଯ୍ୟାପ୍ତ ପୁଲିସ ଫୋର୍ସ ମୁତୟନ କରିବା, ପାନୀୟ ଜଳ ପାଇଁ ଆବଶ୍ୟକୀୟ ସ୍ଥଳେ ଟ୍ୟାପ୍ ଓ ପାଣି ଟ୍ୟାଙ୍କର ବ୍ୟବସ୍ଥା କରିବା, ଅତ୍ୟଧିକ ଗରମ ଦୃଷ୍ଟିରୁ ବିଦ୍ୟୁତ୍ ସରବରାହ ଯେଉଁଭଳି ବନ୍ଦ ନ ହୁଏ ସେଥିପ୍ରତି ଦୃଷ୍ଟି ଦେବା ସହିତ ଦାଣ୍ଡଯାତ୍ରାରେ ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା କରାଇବା, ଭକ୍ତମାନଙ୍କୁ ଗ୍ରୀଷ୍ମ ଦାଉରୁ ରକ୍ଷା ଦେବା ପାଇଁ ପାଣି ସିଞ୍ଚନର ବ୍ୟବସ୍ଥା କରାଇବା, ଜରୁରୀକାଳୀନ ପରିସ୍ଥିତିରେ ଅସୁସ୍ଥ ଭକ୍ତମାନଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ଖୋଲିବା ଆଦି ବ୍ୟବସ୍ଥା ପାଇଁ ବୈଠକର ଆଲୋଚନା ହୋଇଛି। ବିଶେଷ କରି ଚଳିତ ବର୍ଷ ଏହି ଦୁଇ ଯାତ୍ରାରେ ଭକ୍ତମାନେ ସମ୍ପୂର୍ଣ୍ଣ ନିରାପଦରେ ପ୍ରଭୁ ଶ୍ରୀ ଜୀଉଙ୍କୁ ଦର୍ଶନ କରିବା ସହିତ ଶୃଙ୍ଖଳିତ ଭାବେ ମାନସିକ ନୈବେଦ୍ୟ ଅର୍ପଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ଶ୍ରୀ ରଘୁନାଥ ଜୀଉଙ୍କର ମୁଖ୍ୟ ନୈବେଦ୍ୟ ମାନସିକ ବାଣକୁ ଭକ୍ତମାନେ କିଭଳି ବାଣୁଆଙ୍କ ଦ୍ୱାରା ଫୁଟାଇ ପାରିବେ ସେଥିପାଇଁ କଡ଼ା ସୁରକ୍ଷା ବଳୟ ବ୍ୟାରିକେଡର ବ୍ୟବସ୍ଥା କରାଯାଇଛି। ଏହି ବୈଠକରେ ଟ୍ରଷ୍ଟ ବୋଡର୍ ଓ ଯାତ୍ରା କମିଟିର ସଭ୍ୟ ଗୟାଧର ସ୍ୱାଇଁ, ମନୋରଞ୍ଜନ ଭୂୟାଁ, ସୁନିଲ କୁମାର ସିଂ, ଚିନ୍ମୟ ରଞ୍ଜନ ରାଉତରାୟ, ପୁରୁଷୋତ୍ତମ ଦାସ, ପ୍ରଭାତ ସ୍ୱାଇଁ, କିଶୋର ରାଉତରାୟ, ଶିବପ୍ରସାଦ ଦାସ, ସୁରେନ୍ଦ୍ରନାଥ ସାହୁ, ବିଜୟ କୁମାର ସାହୁଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ସରପଞ୍ଚଙ୍କ ପ୍ରତିନିଧି ଅନ୍ନଦାପ୍ରସାଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

